ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.26 Bhubaneswar Wednesday, March 02, 2022 | ୨୫ତମ ବର୍ଷ ସଂଖ୍ୟା-୨୬ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ଲିଙ୍ଗରାଜ ମନ୍ଦିରରେ କୋଭିଡ୍ କଟଣା ଭିତରେ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି

## ବିଜେଡିକୁ ମିଳିଲା ୭୬୬ ଆସନ, ବିଜେପି ଓ କଂଗ୍ରେସ ମିଶି ୮୦ ଛୁଇଁଲେନି

ଭୁବନେଶ୍ୱର, ୧ ।୩(ପି.ଏନ): ଆସିଯାଇଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଜିଲ୍ଲା ପରିଷଦ ଜୋନ୍‌ର ସଂପୂର୍ଣ୍ଣ ଫଳାଫଳ। ୮୫୩ଟି ଜିଲ୍ଲା ପରିଷଦ ଜୋନ୍‌ରୁ ୭୬୬ଟିରେ ବିଜେଡି ବିଜୟୀ ହୋଇଛି। ବିଜେପିକୁ ୪୨ଟି ଆସନ ମିଳିଥିବା ବେଳେ କଂଗ୍ରେସ ହାତେଇଛି ୩୭ଟି ଆସନ। ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନ ପାଇଛନ୍ତି। ସେହିପରି ଅନ୍ୟାନ୍ୟ ଦଳକୁ ମିଳିଛି ୪ଟି ଆସନ।ରାଜ୍ୟରେ ମୋଟ ୮୫୩ଟି ଜିଲ୍ଲା ପରିଷଦ ଆସନ ଥିବା ବେଳେ ୮୫୧ଟି ପାଇଁ ଭୋଟ୍ ଗ୍ରହଣ ହୋଇଥିଲା। ସେଥିରୁ ୭୬୫ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବରଗଡ ଜିଲ୍ଲା ଅମ୍ବାଭୋନାର ଏକ ଜିଲ୍ଲା ପରିଷଦ ଆସନରେ ବିଜେଡି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ। ତେଣୁ ବିଜେଡି ମୋଟ ୭୬୬ଟି ଆସନ ହାତେଇଛି। ସେହିଭଳି କେନ୍ଦୁଝରର ଘସିପୁରାରେ ଏକ ଜିଲ୍ଲା ପରିଷଦ ଆସନରେ ଭୋଟ୍? ଗ୍ରହଣ କରାଯାଇ ନାହିଁ। ଏଠାରେ ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଯିବାରୁ ଭୋଟ୍ ଗ୍ରହଣକୁ ବନ୍ଦ



ରଖାଯାଇଛି।୩୦ଟି ଜିଲ୍ଲାର ୩୧୪ଟି ବ୍ଲକ୍‌ର ୮୫୧ଟି ଜିଲ୍ଲା ପରିଷଦ ଜୋନ୍‌ରେ ମୋଟ ୨ କୋଟି ୧୦ ଲକ୍ଷ ୨୮ ହଜାର ୪୦୩ ବୈଧ ଭୋଟ୍ ପଡିଥିଲା। ସେଥିରୁ ବିଜେଡି ୧ କୋଟି ୧୦ ଲକ୍ଷ ୮୯ ହଜାର ୭୧୨ ଖଣ୍ଡ ପାଇଥିଲା। ବିଜେପି ୬୩ ଲକ୍ଷ ୨୩ ହଜାର ୭୪୬ଟି ଭୋଟ୍ ପାଇଥିବା ବେଳେ କଂଗ୍ରେସକୁ ମିଳିଥିଲା ୨୮ ଲକ୍ଷ ୫୪ ହଜାର ୩୧୮ ଖଣ୍ଡ ଭୋଟ୍। ସେହିପରି ସ୍ୱାଧୀନ ପ୍ରାର୍ଥୀଙ୍କୁ ୨ ଲକ୍ଷ ୮୧ ହଜାର ୨୧୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଅନ୍ୟାନ୍ୟ ଦଳର ପ୍ରାର୍ଥୀ ପାଇଥିଲେ ୪ ଲକ୍ଷ ୭୯ ହଜାର ୩୩୪ ଖଣ୍ଡ ଭୋଟ୍। ସୂଚ଼ନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚ଼ନ ଠାରୁ ବିଜେଡି ଖୁବ୍ ଭଲ କରିଥିବା ବେଳେ ବିଜେପି ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି। କଂଗ୍ରେସର ବି ଆସନ ସଂଖ୍ୟା ଗତ ଥର ଠାରୁ କମିଛି। ଗତ ପଞ୍ଚାୟତ ନିର୍ବାଚ଼ନରେ ବିଜେଡି ୪୭୬ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପି ୨୯୭, କଂଗ୍ରେସ ୬୦ ଓ ଅନ୍ୟାନ୍ୟ ପ୍ରାର୍ଥୀ ୧୬ଟି ଆସନରେ ଜିତିଥିଲେ।

## ଫେଲ୍ ମାରିଲା 'ବିକାଶ ମଡେଲ', ଲୋକ କଲେ ପ୍ରତ୍ୟାଖ୍ୟାନ

ଭୁବନେଶ୍ୱର, ୧ ।୩(ପି.ଏନ): ପଞ୍ଚାୟତ ନିର୍ବାଚ଼ନରେ ବିଜେଡି ସର୍ବାଧିକ ଲୋକପ୍ରିୟ ଦଳ ଭାବେ ପ୍ରାୟ ୫୩ ପ୍ରତିଶତ ଜନାଦେଶ ସହ ଜିଲ୍ଲା ପରିଷଦ ଆସନର ୯୦% ମଧ୍ୟ ଦଖଲ କରିଛି । ପଞ୍ଚାୟତ ନିର୍ବାଚ଼ନରେ ବିଜେଡିର ବିଜୟ ସୁନାମିରେ ଦୁଇ ବିରୋଧୀ ବିଜେପି ଓ କଂଗ୍ରେସ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଛନ୍ତି । କିନ୍ତୁ ଆନ୍ଧ୍ରପ୍ରଦେଶ ସହ ସୀମାବର୍ତ୍ତୀ 'କୋଟିଆ' ଗ୍ରାମପୁଞ୍ଜ ଓ ଜଗତସିଂହପୁର ଜିଲ୍ଲାର ଏରସମାରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳର ଜନାଦେଶ ବିଜେଡି ସମେତ ଅନ୍ୟ ରାଜନୀତିକ ଦଳଗୁଡିକ ପାଇଁ ସତର୍କ ଘଣ୍ଟି ହୋଇଛି। ନିର୍ବାଚ଼ନ ଜିତିବା ପାଇଁ ଶାସକ ବିଜେଡିର ରଣକୌଶଳ ଅନ୍ୟ ବିରୋଧୀ ଦଳ ତୁଳନାରେ ବେଶ୍ ସଫଳ ହୋଇଛି, ମାତ୍ର ୨୨ବର୍ଷ ଧରି ଶାସନରେ ଥିବା ବିଜେଡିର 'ବିକାଶ ମଡେଲ'କୁ ସ୍ଥାନୀୟ ଲୋକେ ପ୍ରତ୍ୟାଖ୍ୟାତ କରିଛନ୍ତି। ଯାହା ପଞ୍ଚାୟତ ନିର୍ବାଚ଼ନ ଫଳାଫଳରୁ ଜଣାପଡୁଛି। କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକର କୋଟିଆ ଅଞ୍ଚଳରେ ଦୀର୍ଘବର୍ଷ ଧରି ଆନ୍ଧ୍ରପ୍ରଦେଶର ଦାଦାଗିରି ଯୋଗୁ ସେହି ଅଂଚ଼ଳର ଜିଲ୍ଲା ପରିଷଦ ନିର୍ବାଚ଼ନ ଫଳାଫଳ ସମଗ୍ର ରାଜ୍ୟ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି । ଓଡିଶା ଇତିହାସରେ ପ୍ରଥମଥର ପାଇଁ ପଂଚ଼ାୟତ ନିର୍ବାଚ଼ନରେ କୌଣସି ଜିଲ୍ଲା ପରିଷଦ ଆସନ ପାଇଁ ଶାସକ ଓ ବିରୋଧୀ ମିଳିତ ଭାବେ ପ୍ରାର୍ଥୀ ଦେଇଥିଲେ । ବିଜେଡି, ବିଜେପି ଓ କଂଗ୍ରେସ ମିଳିତ ଭାବେ ନିଜର ସର୍ବଦଳୀୟ ପ୍ରାର୍ଥୀକୁ ଜିତାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଟିକେଇ ଗେମେଲ ୩୭୧୦ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ବିବାଦୀୟ କୋଟିଆ ଅଂଚ଼ଳରେ ସର୍ବଦଳୀୟ ପ୍ରାର୍ଥୀଙ୍କୁ ଜିତାଇ ସିଧାସଳଖ ଆନ୍ଧ୍ର ସରକାରଙ୍କୁ କଡା ସନ୍ଦେଶ ଦେବା ପରିବର୍ତ୍ତ ଏହି ୩ ପ୍ରମୁଖ ରାଜନୀତିକ ଦଳ ପରୋକ୍ଷରେ ଆନ୍ଧ୍ରର ଚ଼କ୍ରବ୍ୟୁହରେ ଚ଼ିତପଟାଙ୍ଗ ମାରିଛନ୍ତି । ସ୍ୱାଧୀନ ପ୍ରାର୍ଥୀ ଟିକେଇ ଗେମେଲ ୧୦୩୫୪ଖଣ୍ଡ ଭୋଟ୍ ପାଇବାରେ ସକ୍ଷମ ହୋଇଛନ୍ତି । ତେବେ ଓଡିଶାର ଶାସକ ଓ ବିରୋଧୀ ହାତ ମିଳାଇବା ସତ୍ତ୍ୱେ କିଭଳି ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହେଲେ ତଥା କାହିଁକି ସର୍ବଦଳୀୟ ପ୍ରାର୍ଥୀଙ୍କୁ କୋଟିଆବାସୀ ପ୍ରତ୍ୟାଖ୍ୟାନ କଲେ ତାହା ନିଶ୍ଚିତ ଭାବେ ରାଜ୍ୟବାସୀଙ୍କ ପାଇଁ ଉଦବେଗର ବିଷୟ ।ସେହିପରି ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକର ବିବାଦୀୟ ପୋସ୍କ? ପ୍ରକଳ୍ପ ଅଂଚ଼ଳରେ ଏବେ ଜେଏସଡବ୍ଲ୍ୟୁ ନିଜର ମେଗା ଇସ୍ପାତ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । ଧାନ, ପାନ ଓ ମୀନ ଉପରେ ନିର୍ଭରଶୀଳ ଏହି ଅଂଚ଼ଳ ଲୋକଙ୍କୁ ସ୍ଥାନୀୟ ପ୍ରଶାସନ ବଳପ୍ରୟୋଗ କରି ସେମାନଙ୍କ ଜୀବନଜୀବିକା ଉପରେ ପ୍ରହାର କରିଛି।

### ଜଗନ୍ନାଥ ଟ୍ରକ ମାଲିକ ସଂଘ ଉପସଭାପତି ମାନସ ପାତ୍ର ଗିରଫ

ପାରାଦୀପ, ୧ ।୩(ପି.ଏନ): ପାରାଦୀପର ଜଗନ୍ନାଥ ଟ୍ରକ ମାଲିକ ସଂଘର ଉପସଭାପତି ମାନସ ପାତ୍ରଙ୍କ ବିରୋଧରେ ଏକ ଜିପସମ ବୋଝେଇ ଟ୍ରକକୁ ଅଟକାଇ ଧମକ ଦେବା ଅଭିଯୋଗରେ ପାରାଦୀପ ମଡେଲ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଗତ ଫେବୃଆରୀ ୧୮ ତାରିଖରେ ମାନଓ ପାତ୍ରଙ୍କ ବିରୋଧରେ ନିରାକାର କନଷ୍ଟ୍ରକସନର ସୁପରଭାଇଜର ଅଶୋକ ସ୍ୱାଇଁ ପାରାଦୀପ ମଡେଲ ପୋଲିସ ଷ୍ଟେସନରେ ଏ ବାବଦରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଅନୁଯାୟୀ, ଇଫକୋରୁ ଜିପସମ ଆଣି ଏକ ଡର ଆସୁଥିବା ବେଳେ, ଇଫକୋ ଗେଟ୍ ନିକଟରେ ମାନସ ପାତ୍ର ଜବରଦସ୍ତ ଅଟକାଇ ମାଡ ମାରି ଗାଡିର କାଗଜପତ୍ର ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଛଡାଇ ନେଇଥିଲେ। ଏହା ପରେ ଜୋର କରି ଡରଟିକୁ ଆଣି ଏକ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ରଖିଥିଲେ । ଏପରି ବେଆଇନ କାର୍ଯ୍ୟ କରିଥିବା ମାନସଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ ହୋଇଥିଲା । ତେବେ ଅନ୍ୟ ଏକ ଘଟଣାର ତଦନ୍ତ ପାଇଁ ତିର୍ତ୍ତୋଲ ପୋଲିସ ମାନସଙ୍କୁ ତିର୍ତ୍ତୋଲ ଥାନାକୁ ନେଇଥିବା ବେଳେ ପାରାଦୀପର ଏହି ଘଟଣାରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ପାରାଦୀପ ମଡେଲ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ଠାରୁ ପ୍ରକାଶ ।

## ୟୁକ୍ରେନରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁକୁ ନେଇ ରାହୁଲଙ୍କ କଡ଼ା ପ୍ରତିକ୍ରିୟା

ନୂଆଦିଲ୍ଲୀ, ୧ ।୩(ପି.ଏନ): ୟୁକ୍ରେନ ଖରଖୈବରେ ଋଷିଆର ଜାରି ସେନା କାର୍ଯ୍ୟାନୁଷ୍ଠାନ ମଙ୍ଗଳବାର ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁର କାରଣ ହୋଇଛି। ଛାତ୍ରଙ୍କ ମୃତ୍ୟୁ ସମ୍ପର୍କରେ ବୈଦେଶିକ ମନ୍ତ୍ରାଳୟ ପୁଷ୍ଟି କରିଥିବା ବେଳେ ପୂର୍ବତନ ଏଆଇସିସି ସଭାପତି ତଥା କଂଗ୍ରେସର ୱାଇନାଡ ସାଂସଦ ରାହୁଲ ଗାନ୍ଧି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଥିରେ ଯୁଦ୍ଧଗ୍ରସ୍ତ ୟୁକ୍ରେନରୁ ଭାରତୀୟଙ୍କ ଉଦ୍ଧାରରେ ଭାରତ ସରକାରଙ୍କ ପଦକ୍ଷେପ ଉପରେ ରାହୁଲ ପ୍ରଶ୍ନ ଚ଼ିହ୍ନଲଗାଇଛନ୍ତି।





ଏ ନେଇ ରାହୁଲ ଏକ ଟ୍ୱିଟ୍ କରିଥିବା ବେଳେ ମୃତ ଛାତ୍ରଙ୍କ ପରିବାର ଲାଗି ଗଭୀର ସମବେଦନା ଜ୍ଞାପନା କରିଛନ୍ତି।

## ପାରାଦୀପର ବିଭିନ୍ନ ଶିବାଳୟରେ ମହାଶିବରାତ୍ରି ପାଳିତ

ପାରାଦୀପ, ୧ ।୩(ପି.ଏନ): ପବିତ୍ର ଜାଗର ଅମାବାସ୍ୟା ବା ମହାଶିବରାତ୍ରି ପାରାଦୀପର ବିଭିନ୍ନ ଶିବାଳୟମାନଙ୍କରେ ପାଳିତ ହୋଇଯାଇଛି । ସକାଳୁ ଭକ୍ତମାନେ ଶୁଦ୍ଧପୂତ ଭାବେ ଭୋଗ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ମନ୍ଦିରରେ ପହଂଚିଥିଲେ । ପାରାଦୀପ ନୂଆବଜାରର ସର୍ବପୂରାତନ ଶିବ ମନ୍ଦିର ମୁକ୍ତେଶ୍ୱର ମନ୍ଦିରରେ ପବିତ୍ର ମହାଶିବରାତ୍ରି ଅବସରରେ ବିଶ୍ୱ ଶାନ୍ତି ମହାଯଜ୍ଞ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଆୟୋଜିତ ହୋଇଥିଲା । ଭକ୍ତମାନେ ମୁକ୍ତେଶ୍ୱର ଦେବଙ୍କ ନିକଟରେ ଭୋଗ ନୈବେଦ୍ୟ ଅର୍ପଣ କରି ଯଜ୍ଞ କାର୍ଯ୍ୟରେ ଯୋଗ ଦେଇଥିଲେ । ସଂଧ୍ୟା ସମୟରୁ ଭକ୍ତମାନେ ମନ୍ଦିରରେ ଉପସ୍ଥିତ ରହି ଜାଗର ଦୀପ ଜାଳିଥିଲେ । ବିଳମ୍ବିତ ରାତ୍ରିରେ ମହାଦୀପ ଉଠିଥିଲା । ପ୍ରଭୁ ମୁକ୍ତେଶ୍ୱର ଦେବଙ୍କ ମୁଖ୍ୟ ପୂଜକ ମାର୍କଣ୍ଡ ଆଚାର୍ଯ୍ୟ ମହାଦୀପ ମନ୍ଦିର ଚର୍ତୁପାର୍ଶ୍ୱ ବୁଲାଇବା ପରେ ମନ୍ଦିର ଶୀଖରରେ ମହାଦୀପ ସ୍ଥାପନ କରିଥିଲେ । ସେହିପରି ନୂଆବଜାରର ଆଖଣ୍ଡଳମଣି ମନ୍ଦିର ଓ ହରିବୋଳ ମଠରେ ଥିବା ମହାକାଳେଶ୍ୱର ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଥିଲା । ମହାକାଳେଶ୍ୱର ମନ୍ଦିରରେ ଚଳିତ ବର୍ଷ ମଧ୍ୟ ବିଶ୍ୱ ଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଥିଲା । ଭକ୍ତମାନେ ଉତ୍ସାହ ଉଦ୍ଦିପନାର ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପାରାଦୀପ ସହର ନିକଟସ୍ଥ ପାରାଦୀପ ଗଡ ନିମିଢି ଠାରେ ଥିବା ସିଦ୍ଧେଶ୍ୱର ମନ୍ଦିରରେ ମହାଶିବରାତ୍ରି ନିମନ୍ତେ ସ୍ୱତନ୍ତ୍ର ନୀତିକାନ୍ତିର ଆୟୋଜନ କରାଯାଇଥିଲା । ମନ୍ଦିରର ମୁଖ୍ୟ ପୁରୋହିତ ଗୋଲେଖ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବଡପଡିଆ ମାର୍କେଟ ବିଲଡିଙ୍ଗରେ ପ୍ରଭୁ ଆଖଣ୍ଡଳମଣିଙ୍କ ପୂଜା ଉତ୍ସବ ଆହୋଜିତ ହୋଇଥିଲା ।

## ଟୋକନ ମିଳିଲା, କିନ୍ତୁ ନିର୍ଦ୍ଧାରିତ ସମୟରେ ମଣ୍ଡି ନେଲା ନାହିଁ ଧାନ: ଜାତୀୟ ରାଜପଥ ଅବରୋଧ କଲେ ଚ଼ାଷୀ

ଭଦ୍ରକ, ୧ ।୩(ପି.ଏନ): ମୋବାଇଲକୁ ଟୋକନ ନମ୍ବର ମେସେଜରେ ଆସିଛି । କିନ୍ତୁ ମଣ୍ଡିକୁ ଯିବା ବେଳେ ସମବାୟ ସମିତି କହୁଚ଼ି ଟାର୍ଗେଟ ନାହିଁ । ଟୋକନର ଅବଧି ମଧ୍ୟରେ ଧାନ ବିକ୍ରି ନହେବାରୁ ରାଜପଥରେ ବସିଛନ୍ତି ଚ଼ାଷୀ । ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଚ଼ାଷୀ । ସୂଚ଼ନା ଯୋଗ୍ୟ ଯେ ଭଦ୍ରକ ଜିଲ୍ଲା ଶ୍ରୀରାମ ସେବା ସମବାୟ ସମିତି ଅଧିନ ରେ ଚ଼ାଷୀ ଙ୍କୁ ଧନ ବିକ୍ରି ପାଇଁ ଟୋକନ ନମ୍ବର ମେସେଜ ରେ ଆସିଥିଲା । କିନ୍ତୁ ଟୋକନ ଡେଟର ଅବଧି ପୂରଣ ହୋଇଥିଲେ ମଧ୍ୟ ଧାନ



ସେବା ସମବାୟ ନେଉ ନଥିବା ଅଭିଯୋଗ କରିଛନ୍ତି ଚ଼ାଷୀ । ସମବାୟ ସମିତି କୁ ଟାର୍ଗେଟ ମିଳିନଥିବା କହୁଥିବାରୁ ଚ଼ାଷୀ ମାନେ ରାସ୍ତାରୋକ କରିଛନ୍ତି । ୧୬ ନମ୍ବର ଜାତୀୟ ରାଜପଥ ର ଭଦ୍ରକ ଜିଲ୍ଲା ବହୁଦରଡା ଛକ ନିକଟ ରେ ରାଜପଥ ରେ ଧାନ ରଖି ରାସ୍ତା ଅବରୋଧ କରିଛନ୍ତି ।

## ଏୟାର ଇଣ୍ଡିଆକୁ ଝଟକା: ସିଇଓ ପଦ ପ୍ରସ୍ତାବକୁ ଅଗ୍ରାହ୍ୟ କଲେ ଇଲକର ଆୟସି

ନୂଆଦିଲ୍ଲୀ, ୧ ।୩(ପି.ଏନ): ଦୀର୍ଘ ୬୯ ବର୍ଷ ପରେ ଟାଟା ସନ୍ସ ହାତକୁ ଆସିଛି ଏୟାର ଇଣ୍ଡିଆ। ଏହା ପରେ ଏୟାର ଇଣ୍ଡିଆରେ ଯେଉଁ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି, ସେଥିରେ ମଙ୍ଗଳବାର ଟାଟାକୁ ଲାଗିଛି ବଡ ଝଟକା। ଟାଟା ପକ୍ଷରୁ ତୁର୍କୀ ଏୟାରଲାଇନ୍ସର ପୂର୍ବତନ ଅଧକ୍ଷ ଇଲକର ଆୟସିଙ୍କୁ ଏୟାର ଇଣ୍ଡିଆର ସିଇଓ ପଦରେ ନିଯୁକ୍ତିକୁ ମଞ୍ଜୁରୀ ଦେଇଥିଲା। ତେବେ ଆୟସି ଏୟାର ଇଣ୍ଡିଆର ମୁଖ୍ୟକାର୍ଯ୍ୟକାରୀ ଅଧିକାରୀ(ସିଇଓ) ପଦ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି।ରିପୋର୍ଟରେ ଏହି ବିଷୟରେ ଅଧିକ ସୂଚ଼ନା ଦିଆଯାଇ ନାହିଁ। ମାତ୍ର ଏହା କୁହାଯାଉଛି ଯେ ଆୟସି ଏୟାର ଇଣ୍ଡିଆର ସିଇଓ ଏବଂ ପ୍ରବନ୍ଧ ନିର୍ଦ୍ଦେଶକ ପଦ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଗତ ଫେବୃଆରୀ ୧୪ରେ ଟାଟା ସନ୍ସ ଏୟାର ଇଣ୍ଡିଆର ସିଇଓ ଭାବେ ଇଲକର ଆୟସିଙ୍କ ନିଯୁକ୍ତି ଘୋଷଣା



କରିଥିଲା। ଏହି ନିଷ୍ପତ୍ତି ପରେ ଆରଏସଏସ ସହ ଜଡିତ ସ୍ୱଦେଶୀ ଜାଗରଣ ମଞ୍ଚ ସରକାରଙ୍କୁ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଇଲକର ଆୟସିଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେବା ଉଚ଼ିତ୍ ନୁହେଁ ବୋଲି କହିଥିଲା।ନିଯୁକ୍ତି ପରଠୁ ଇଲକର ଆୟସିଙ୍କ ଉପରେ ଯାଞ୍ଚର ଖଣ୍ଡା ଝୁଲୁଥିଲା। ପରମ୍ପରା ଅନୁଯାୟୀ, ଭାରତରେ ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତ ହେଉଥିବା ସମସ୍ତ ବିଦେଶୀ ନାଗରିକଙ୍କ ପୃଷ୍ଠଭୂମିର ଯାଞ୍ଚ କରାଯାଏ। ଆୟସିଙ୍କ କ୍ଷେତ୍ରରେ ମଧ୍ୟ ଏମିତି ହେବାର ଥିଲା। ଆୟସି ତୁର୍କୀର ରାଷ୍ଟ୍ରପତି ତଇପ ଏର୍‌ଦୋଗାନଙ୍କ ପରାମର୍ଶଦାତା ଭାବେ ମଧ୍ୟ କାମ କରିଛନ୍ତି। ଏର୍‌ଦୋଗାନ ପାକିସ୍ତାନର ସହଯୋଗୀ ଭାବେ ପରିଚ଼ିତ। ତେଣୁ ଆୟସିଙ୍କ ପୃଷ୍ଠଭୂମିର ଯାଞ୍ଚ ପାଇଁ ଆବଶ୍ୟକ ପଡିଲେ ସରକାର ଜଇଡର ସହାୟତା ନେଇ ପାରନ୍ତି ବୋଲି କୁହାଯାଉଥିଲା। ବୋଧହୁଏ ଏହି କାରଣରୁ ଇଲକର ଆୟସି ଟାଟା ସନ୍ସର ଏହି ପ୍ରସ୍ତାବ ଅଗ୍ରାହ୍ୟ କରିଥିବା କୁହାଯାଉଛି ।ଆୟସି ୧୯୭୧ରେ ଇସ୍ତାନବୁଲରେ ଜନ୍ମଗ୍ରହଣ କରିଛନ୍ତି। ୫୧ ବର୍ଷୀୟ ଆୟସି ତୁର୍କୀର ବୁଲକେଣ୍ଟ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ଏବଂ ପବ୍ଲିକ ଆଡମିନିଷ୍ଟ୍ରେସନ ବା ସାଧାରଣ ପ୍ରଶାସନ ବିଭାଗର ୧୯୯୪ ବ୍ୟାଚ୍?ର ପୂର୍ବତନ ଛାତ୍ର। ୧୯୯୫ରେ ସେ ଇଂଲଣ୍ଡର ଲିଡ୍ସ ୟୁନିଭର୍ସିଟିରେ ରାଜନୀତି ବିଜ୍ଞାନରେ ଏକ ଗବେଷଣା କରିଥିଲେ। ୧୯୯୭ରେ ସେ ଇସ୍ତାନବୁଲର ମରମାରା ୟୁନିଭର୍ସିଟିରୁ ଇଣ୍ଟରନ୍ୟାସନାଲ ରିଲେସନ ମାଷ୍ଟର ପ୍ରୋଗ୍ରାମ ପୂରା କରିଥିଲେ।

### ବିଜେଡି ଦଖଲରେ ଧର୍ମଶାଳା ପଂଚାୟତ ସମିତି

ଧର୍ମଶାଳା, ୧।୩(ପିଏନ୍): ଧର୍ମଶାଳା ବ୍ଲକର ପଂଚାୟତ ନିର୍ବାଚନର ଫଳାଫଳ ଘୋଷଣା ପରେ ବ୍ଲକର ୪୫ ଗୋଟି ପଂଚାୟତ ମଧ୍ୟରୁ ବିଜେଡି ସମର୍ଥୀତ ପ୍ରାର୍ଥୀ ୩୯ଟି ପଂଚାୟତରେ ବିଜୟୀ ହୋଇଛନ୍ତି । ଏହି ବ୍ଲକର ୪ ଗୋଟି ପଂଚାୟତରେ ବିଜେପି ସମର୍ଥୀତ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୨ ଜଣ ସ୍ୱାଧିନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ତେବେ ବ୍ଲକ ଦଖଲ ପାଇଁ ୨୩ ଗୋଟି ସମିତିସଭ୍ୟର ଆବଶ୍ୟକତା ରହିଥିବା ବେଳେ ଶାଶକ ଦଳ ୩୯ ଗୋଟି ଆସନ ଅଧିକାର କରିଛି । ବହୁମତରୁ ବହୁ ଆଗରେ ବିଜେଡି ରହିଥିବାରୁ ନିର୍ଦ୍ୱନ୍ଦରେ ପଂଚାୟତ ସମତି ଦଖଲ କରିବା ନେଇ ସ୍ପଷ୍ଟ ହୋଇଛି। ପୁର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ୨ଟି ପଂଚାୟତ କୁମାରୀ ଓ ଚକ୍ରଧରପୁର ପଂଚାୟତରୁ ବିଜୟୀ ହୋଇଛନ୍ତି । ସେ ପୁର୍ବରୁ ଭବାନୀପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଥିଲେ । ସେ ପୁନଶ୍ଚ ଅଧ୍ୟକ୍ଷ ପଦ ମଣ୍ଡନ କରିବା ନେଇ ସ୍ପଷ୍ଟ ହୋଇଛି ।

### ପଞ୍ଚାୟତ ନିର୍ବାଚ଼ନର ପ୍ରଭାବ ପୌର ନିର୍ବାଚ଼ନରେ ପଡିବନି: ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର, ୧ ।୩(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚ଼ନରେ ବିଜେପିର ଶୋଚ଼ନୀୟ ପରାଜୟ ହୋଇଛି। ଗତ ନିର୍ବାଚ଼ନରେ ୨୯୭ଟି ଜିଲ୍ଲା ପରିଷଦକୁ ନିଜ ଦଖଲରେ ରଖିଥିବା ବିଜେପି ଏଥର ୪୨ରେ ଆଣ୍ଠେଇ ପଡିଛି। ଏପରି ବିପର୍ଯ୍ୟୟକୁ ନେଇ ଆଜି ବିଜେପି ଦୁଃଖ ପ୍ରକାଶ କରିଛି। ଏହାର ପ୍ରଭାବ ପୌର ନିର୍ବାଚ଼ନରେ ପଡିବ ନାହିଁ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି ।ଗଣମାଧ୍ୟମକୁ ସୂଚ଼ନା ଦେଇ ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି, ପଞ୍ଚାୟତ ନିର୍ବାଚ଼ନର ପ୍ରଭାବ ପୌର ନିର୍ବାଚ଼ନ ଉପରେ ପଡିବ ନାହିଁ।

## 'ପୁଷ୍ପା' ଷ୍ଟାଇଲ୍‌ରେ ଚ଼ାଲାଣ ହେଉଥିଲା ଶହଶହ ପେଟି ମଦ

ଢେଙ୍କାନାଳ, ୧ ।୩(ପି.ଏନ): ଆପଣ ଦେଖିଥିବେ ସାଉଥ୍ ଫିଲ୍ମ 'ପୁଷ୍ପା'। ସେଥିରେ ପୁଷ୍ପରାଜ ଓରଫ୍ ପୁଷ୍ପା କ୍ଷୀର ଟ୍ୟାଙ୍କରରେ ଲାଲ୍ ଚ଼ନ୍ଦନ କାଠ ଚ଼ାଲାଣ କରୁଥିଲା। ଆଉ ବନ ବିଭାଗକୁ ଚ଼କ୍‌ମା ଦେଉଥିଲା। କ୍ଷୀର ଟ୍ୟାଙ୍କର ଉପରେ କ୍ଷୀର ଓ ଭିତରେ ଲାଲ୍ ଚ଼ନ୍ଦନ କାଠ ରଖି ଚ଼ାଲାଣ କରୁଥିଲା। ଏବେ ସମାନ ଚ଼ିତ୍ର ଆସିଛି ଢେଙ୍କାନାଳରୁ। ତେବେ ଏଠି ମଦ ମାଫିଆ କ୍ଷୀର ଟାଙ୍କର ପାଣି କଣ୍ଟେନର ବ୍ୟବହାର କରିଛନ୍ତି। ରାଜସ୍ଥାନ ନମ୍ବର ପ୍ଲେଟ୍ ଥିବା ଏକ ଟ୍ରକ୍‌ରେ ଏକ ପାଣି କଣ୍ଟେନର ବୋଝେଇ ହୋଇଥିବା ବେଳେ ସେଥିରେ ମଦ ଚ଼ାଲାଣ ହେଉଥିବା ନେଇ ଅବକାରୀ ବିଭାଗ ସୂଚ଼ନା ପାଇଥିଲା। ଅବକାରୀ କମିଶନରଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ଅବକାରୀ ବିଭାଗ ଉକ୍ତ ଗାଡିକୁ ପିଛା କରିଥିଲା। ହିନ୍‌ଦୋଳ ବାଉଁଶପୋଖରୀ ନିକଟରେ ଅବକାରୀ ବିଭାଗ ଗାଡିଟିକୁ ଅଟକାଇ





ଥିଲା। ଯାଞ୍ଚ ବେଳେ ସେଥିରୁ ଆଖି ତରାଟିଦେଲା ପରି ମଦ ପ୍ୟାକେଟ୍ ବାହାରିଥିଲା ।ଅବକାରୀ ଅଧିକାରୀ ସୀତାରାଣୀ ପଟ୍ଟାୟତଙ୍କ କହିବା ଅନୁସାରେ ଉକ୍ତ ଗାଡିଟି ଆସାମରୁ ଭୁବନେଶ୍ୱର ପୋଖରୀପୁଟ୍‌କୁ ଯାଉଥିଲା। କଣ୍ଟେନର ବାହାରେ ୱାଟର ଫିଲ୍‌ଟର ଲେଖାଯାଇଥିଲା। ଗାଡିର କାଗଜପତ୍ର ଯାଞ୍ଚ କରିବାରୁ ପାଣି ପରିବହନ ପାଇଁ ପଞ୍ଜିକୃତ ହୋଇଥିବା ଜଣାପଡିଥିଲା। ହେଲେ ଏଥିରେ ମଦ ଚ଼ାଲାଣ କରାଯାଉଥିଲା। କଣ୍ଟେନର ଭିତରେ ଶହ ଶହ ବିଦେଶୀ ମଦ ପେଟି ଥିଲା। ଜବତ ମଦ ରାଜ୍ୟ ବାହାରର ବୋଲି ଜଣାପଡିଛି। ଢେଙ୍କାନାଳ ଅବକାରୀ ବିଭାଗ ୩ ଜଣଙ୍କୁ ଅଟକ ରଖି ପଚ଼ରାଉଚ଼ରା କରୁଛି। ଅଟକଙ୍କ ଭିତରୁ ଜଣେ ଢେଙ୍କାନାଳ ଜିଲ୍ଲାର ବୋଲି ଜଣାପଡିଛି।

## ଟ୍ରକ୍ ଧକ୍କାରେ ଚ଼ାଲିଗଲା ନବବଧୂର ଜୀବନ

ଯାଜପୁର, ୧ ।୩(ପି.ଏନ): ଆଜି ମହା ଶିବରାତ୍ରି ଥିବାରୁ ସ୍ୱାମୀ ସ୍ତ୍ରୀ ମହାବିନାୟକ ମନ୍ଦିରକୁ ଦର୍ଶନ କରିବାକୁ ଯାଉଥିଲେ। ହେଲେ ବାଟରେ ଜଗି ରହିଥିଲା ମୃତ୍ୟୁ। ଟ୍ରକ୍ ଧକ୍କାରେ ଚ଼ାଲିଗଲା ନବବଧୂର ଜୀବନ। ଯାଜପୁର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ଜାରକା ନିକଟସ୍ଥ ଭାଲୁଖାଇ ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଟ୍ରକ୍ ପଛ ପଟୁ ଧକ୍କା ଦେବାରୁ ଯାଜ୍ଞସେନୀ ପଣ୍ଡାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ନିରୋଦ ପଣ୍ଡାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମାନଙ୍କ ଘର ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରଡା ଅଞ୍ଚଳରେ ।ମିଳିଥିବା ସୂଚ଼ନା ଅନୁସାରେ, ଆଜି ସକାଳେ ଯାଜ୍ଞସେନୀ ଓ ନିରୋଦ ବାଇକ୍ ଯୋଗେ ମହାବିନାୟକଙ୍କୁ ଦର୍ଶନ କରିବାକୁ ଚ଼ଣ୍ଡୀଖୋଲ ଯାଉଥିଲେ। ଜାରକା ନିକଟସ୍ଥ ଭାଲୁଖାଇ ଛକ ନିକଟରେ ସେମାନଙ୍କ ବାଇକ୍‌କୁ ଟ୍ରକ୍‌ଟି ପଛରୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଯାଜ୍ଞସେନୀଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଯାଜ୍ଞସେନୀଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା। ଧର୍ମଶାଳା ପୁଲିସ ଘଟଣାର ତଦନ୍ତ କରୁଛି। ପ୍ରାୟ ଏକ ମାସ ତଳେ ଯାଜ୍ଞସେନୀ ନିରୋଧକୁ ବିବାହ କରିଥିଲେ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# କାଂଚୀ କାମାକ୍ଷୀ ଶକ୍ତିପୀଠ, ତାମିଲନାଡୁ



**କାଂ**ଚିପୁରମ୍ ର ହୃଦୟସ୍ଥଳ ହେଉଛି କାଂଚି କାମାକ୍ଷୀ ମନ୍ଦିର। ବସ୍ତୁତଃ ସଂପୂର୍ଣ୍ଣ କାଂଚିପୁରମ୍ ନଗରୀ କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରି ରହିଛି। ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କ ଭଳି ଅନେକ ଦେବୀ ଦେବତା ମଧ୍ୟ କାଂଚି କାମାକ୍ଷୀ ମନ୍ଦିରକୁ ଘେରି ରହିଛନ୍ତି। କାଂଚି କାମାକ୍ଷୀ ମନ୍ଦିରକୁ ଆନନ୍ଦରେ କାମାକ୍ଷୀ ଅମ୍ମା ମନ୍ଦିର ବୋଲି ମଧ୍ୟ କୁହାଯାଏ। କାଂଚି କାମାକ୍ଷୀ ମନ୍ଦିରର ଗୋଟିଏ ପାର୍ଶ୍ୱରେ ଶିବ କାଂଚି ଅର୍ଥାତ୍ ବଡ଼ କାଂଚି ଅବସ୍ଥିତ। ଏଠାରେ କେତେକ ବିଷ୍ଣୁ ମନ୍ଦିର ସହିତ ଅନେକ ଶିବ ମନ୍ଦିର ସ୍ଥାପିତ ହୋଇଛି। କାଂଚି କାମାକ୍ଷୀ ମନ୍ଦିରର ଅନ୍ୟ ପାର୍ଶ୍ୱରେ ବିଷ୍ଣୁ କାଂଚି ଅର୍ଥାତ୍ ଛୋଟ କାଂଚି ଅବସ୍ଥିତ। ସେଠାରେ ମଧ୍ୟ କେତୋଟି ବିଶାଳ ବିଷ୍ଣୁ ମନ୍ଦିର ତଥା କେତୋଟି ଶିବ ମନ୍ଦିର ମଧ୍ୟ ରହିଛି।

ଏଠାରେ କାମାକ୍ଷୀ ମନ୍ଦିରର ଅସ୍ତିତ୍ୱ ଅନନ୍ତ କାଳରୁ ଅବସ୍ଥିତ ଥିବା କୁହାଯାଏ। ରେକର୍ଡ଼ ଅନୁଯାୟୀ ମନ୍ଦିରର ଶ୍ରୀ ଚକ୍ର କୁ ଆଦି ଶଙ୍କରାଚାର୍ଯ୍ୟ ହିଁ ସ୍ଥାପନା କରିଥିଲେ। ୫ମ ରୁ ୮ମ ଶତାବ୍ଦୀ ମଧ୍ୟରେ କେଉଁ ଏକ ସମୟରେ ଏହି ସ୍ଥାପନା କାର୍ଯ୍ୟ ହୋଇଥିବା ଅନୁମାନ କରାଯାଉଛି। ପୁରାତାତ୍ତ୍ୱିକ ସାହିତ୍ୟ ଅନୁସାରେ ଏହି ମନ୍ଦିର ପ୍ରାୟ ୧୩୦୦ ବର୍ଷର ପୁରାତନ। ହୁଏତ ଏଠାରେ ପଲ୍ଲବ ସମ୍ରାଟଙ୍କ ଆଧିପତ୍ୟ ଥିଲା ଓ କାଂଚି ପୁରମ୍ ତାଙ୍କ ରାଜଧାନୀ ଥିଲା ବୋଲି କୁହାଯାଉଛି। ସେ ଯାହାହେଉ କାମାକ୍ଷୀ ଦେବୀ ହିଁ କାଂଚିର ଅଧିଷ୍ଠାତ୍ରୀ ଦେବୀ ଥିଲେ, ଏଥିରେ କାହାର ସନ୍ଦେହ ନାହିଁ।


@ www.IndiTales.com

କାଂଚିର କାମାକ୍ଷୀ ମନ୍ଦିର ଭାରତୀୟ ଉପମହାଦେଶର ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଗୋଟିଏ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶକ୍ତିପୀଠ ଅଟେ। କ୍ରୋଧ ଜର୍ଜରିତ ଶିବ ଯେତେବେଳେ ମା'ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଶିବଙ୍କୁ ଶାନ୍ତ କରିବା ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେହି ଖଣ୍ଡ ମାନଙ୍କ ମଧ୍ୟରୁ ସତୀଙ୍କ ନାଭିଖଣ୍ଡ ଏଠାରେ ପଡ଼ିଥିଲା। ଆଉ ଏହି ସ୍ଥାନ ଏକ ମହାନ୍ ଶକ୍ତିପୀଠ ଭାବେ ପରିଚିତ।



ଆହୁରି ବି କୁହାଯାଏ ଯେ, ଦେବୀ ଅସୁର ଭଣ୍ଡାସୁକୁ ବଦ୍ଧ କରିବା ପାଇଁ ଏକ କନ୍ୟା ରୂପରେ ଅବତାର ନେଇଥିଲେ ଓ ସେ ଏହି ମନ୍ଦିରରେ ଅଧିଷ୍ଠିତ ଥିଲେ। ଏହି ମନ୍ଦିରକୁ ସ୍ୱୟମ୍ଭୁ ବୋଲି କୁହାଯାଏ। କାରଣ ଏହି ମନ୍ଦିରରେ ଥିବା ମାତାଙ୍କ ମୂର୍ତ୍ତି କାହାରି ଦ୍ୱାରା ତିଆରି ହୋଇନଥିଲା, ବରଂ ସ୍ୱଂୟ ଅବତରିତ ହୋଇଥିଲା। କୁହାଯାଏ ଯେ, ଦେବୀ ଏହି ମନ୍ଦିରରେ ସ୍ଥୁଳ, ସୂକ୍ଷ୍ମ ଓ ଶୂନ୍ୟ ଏପରି ତିନିଟି ସ୍ୱରୂପରେ ବିରାଜମାନ କରିଛନ୍ତି।

ଶାସ୍ତ୍ର ଅନୁଯାୟୀ ଭଗବାନ ଶିବଙ୍କ ସହିତ ବିବାହ କରିବାକୁ ଆଶା କରି କାମାକ୍ଷୀ ଅମ୍ମା ଘୋର ସପସ୍ୟା କରିଥିଲେ। ଶେଷରେ ତାଙ୍କର ଅଭିଳାସ ପୂର୍ଣ୍ଣ ହେଲା ଏବଂ ଫାଲଗୁନ ମାସର ଉତର ନକ୍ଷତ୍ରରେ ଭଗବାନ୍ ଶିବଙ୍କ ସହିତ ତାଙ୍କର ବିବାହ ହେଲା। ଏଠାରେ ମା'କାମାକ୍ଷୀଙ୍କ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟା କରୁଥିବା ସୁନାର ଏକ ମୂର୍ତ୍ତି ରହିଛି। ମା'ଙ୍କର ଏହି ସ୍ୱର୍ଣ୍ଣ ମୂର୍ତ୍ତିକୁ ବଙ୍ଗାରୁ କାମାକ୍ଷୀ ବୋଲି ମଧ୍ୟ କୁହାଯାଏ।

କାଂଚି କାମାକ୍ଷୀ ମନ୍ଦିରର ମୁଖ୍ୟ ଗର୍ଭ ଗୃହକୁ ଗାୟତ୍ରୀ ମଣ୍ଡପ କୁହାଯାଏ। ଏଠାରେ କାମାକ୍ଷୀ ଅମ୍ମା ପଦ୍ମାସନର ଯୋଗମୁଦ୍ରାରେ ବସିଛନ୍ତି। ତାଙ୍କର ଆସନ ପଂଚ ବ୍ରହ୍ମାସନ। କାମାକ୍ଷୀ ଅମ୍ମାଙ୍କର ଚାରି ହାତ ରହିଛି। ତାଙ୍କ ତଳ ହାତରେ ରହିଛି ଆଖୁଖଣ୍ଡ ଓ ପାଂଚଟି ଫୁଲର ଗୁଚ୍ଛ। ଉପର ଦୁଇ ହାତରେ ସେ ଶସ୍ତ୍ର, ଫାଶ ଓ ଦଣ୍ଡ ଧାରଣ କରିଛନ୍ତି। ଦେବୀଙ୍କ ପ୍ରତିମାକୁ ସର୍ବଦା ଉଜ୍ଜ୍ୱଳ ରଙ୍ଗିନ ଶାଢୀ ଓ ସଂପୂର୍ଣ୍ଣ ବେଶଭୂଷାରେ ଅଳଙ୍କୃତ କରାଯାଏ। ଗର୍ଭଗୃହ ଭିତରେ ରୁପାରେ ଝୁଲୁଥିବା ଏକ ସ୍ତମ୍ଭ ରହିଛି। ଏଥିରେ ଏକ ଛିଦ୍ର ରହିଛି, ଯାହା ଦେବୀଙ୍କ ନାଭିର ପ୍ରତିନିଧିତ୍ୱ କରେ। କୁହାଯାଏ ଯେ, ଏହା ଭକ୍ତ ମାନଙ୍କୁ ସନ୍ତାନ ପାଇବାର ବର ପ୍ରଦାନ କରିଥାଏ।




@ www.IndiTales.com

କାମାକ୍ଷୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସରେ ଭଗବାନ ଶିବ ଓ କାମାକ୍ଷୀଙ୍କ ମଧ୍ୟରେ ବିବାହ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ବିବାହ ଅଭିଳାଷ ରଖିଥିବା ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ଏହିଦିନ ଦେବୀଙ୍କୁ ନୌକାରେ ବସାଯାଇ ବୁଲାଯାଏ। ସେହିପରି ପ୍ରତି ମାଘ ମାସରେ ଏଠାରେ ବାର୍ଷିକ ବ୍ରହ୍ମୋତ୍ସବ ପାଳନ କରାଯାଏ। ଏହି ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦେବୀଙ୍କ ରଥ ବାହାରକୁ ଯାଏ। ଉତ୍ସବର ଚତୁର୍ଥ ଦିନ କାମାକ୍ଷୀ ଅମ୍ମା ସୁନାର ସିଂହ ଉପରେ ବସନ୍ତି ତଥା ନବମ ଦିନରେ ରୂପା ନିର୍ମିତ ରଥରେ ବସି ନଗର ଭ୍ରମଣରେ ଯାଆନ୍ତି। ଏହି ଉତ୍ସବ ଦିନ ବା ପୂର୍ଣ୍ଣିମା ପଡୁଥିବା ୧୦ମ ଦିବସ ଓ ଶେଷ ଦିନରେ ଦେବୀ ଓ ତାଙ୍କର ଭକ୍ତମାନେ ମନ୍ଦିରର ଜଳକୁଣ୍ଡରେ ବୁଡ଼ ପକାନ୍ତି।

ପ୍ରତି ବର୍ଷ ଚୈତ୍ର ମାସର ପ୍ରଥମ ଦିବସରେ କାମାକ୍ଷୀ ଅମ୍ମା ନିଜ ସୁନାର ରଥ ଉପରେ ବସନ୍ତି। ଏଭଳି ରଥଯାତ୍ରା ହିନ୍ଦୁ ପାଞ୍ଜି ଅନୁସାରେ ପ୍ରତି ମାସର ପ୍ରଥମ ଦିନ ଆୟୋଜିତ ହୋଇଥାଏ। ଯଦି ତାହା ଶୁକ୍ରବାର ଦିନ ହୁଏ, ସେଦିନ ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ହୋଇଥାଏ। କାଂଚିର କାମାକ୍ଷାଙ୍କ ଏହି ରଥଯାତ୍ରାକୁ ଦର୍ଶନ କରିବା ପାଇଁ ସମସ୍ତେ ବ୍ୟାକୁଳ ହୁଅନ୍ତି।

କାଂଚି ପୁରମ୍ ର ଅନ୍ୟ ମନ୍ଦିର ମାନଙ୍କର ରଥଯାତ୍ରା କାଂଚି କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରା ଲଗାନ୍ତି, କାରଣ କାମାକ୍ଷୀ ଦେବୀ କାଂଚିର ପ୍ରମୁଖ ଆରାଧ୍ୟ ଦେବୀ ଅଟନ୍ତି।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ !



**ବି**ଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଲଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି



ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଲେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍ ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁ ଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ"ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍ ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ।୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ"ସ୍ଥାପିତ ହୋଇଥିଲା,ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆଓାର୍ଡ,୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୁର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଳାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

**ପ୍ରଦୀପ୍ତ ଆଚାର୍ଯ୍ୟ,** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଇଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପଲିଥିନ୍, ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ ଉଠିଲା ଦାବି



ଭୁବନେଶ୍ୱର (ପିଏନ୍): ଜାଗର ଯାତ୍ରା। ଏ ନେଇ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର। ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଜାଗର ସମୟରେ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ, ସାଧୁ, ସନ୍ନ୍ୟାସୀମାନଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କରିବା ହେଉ କି ଦୀପ ଜାଳିବା ହେଉ ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଇତ୍ୟାଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେ ତେଣେ ଫୋପାଡ଼ି ଚାଲି ଯାଇଥାନ୍ତି। ଯଦ୍ୱାରା ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମନ୍ଦିରର ପରିବେଶ ଓ ସୌନ୍ଦର୍ଯ୍ୟ ବିଗିଡ଼ି ଯାଇଥାଏ। ପରବର୍ତ୍ତୀ ସମୟରେ ଯେତେବେଳେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଫେଇ ହୁଏ ସେଗୁଡ଼ିକ ମନ୍ଦିର ବାହାରେ ଆଣି ଗଦାଇଥାନ୍ତି। ବାହାରେ ଏଣେ ତେଣେ ବୁଲୁଥିବା ବୁଲା ଗୋରୁ, ଗାଈ, ଷଣ୍ଢ ଇତ୍ୟାଦି ଜୀବ ଏଗୁଡ଼ିକୁ ଖାଇ ମୃତ୍ୟୁବରଣ କରିଥାନ୍ତି। ଏତଦ୍‌ସହ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ପାନ, ଗୁଟ୍‌ଖା, ବିଡ଼ି, ସିଗାରେଟ୍, ଗଞ୍ଜେଇ ଏବଂ ମଦ ପରି ମାଦକ ଦ୍ରବ୍ୟକୁ ବ୍ୟବହାର କରିଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ଏଣୁ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି ହେଉ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏ ନେଇ ଶ୍ରୀ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି।

# ଭାବନା, କାମନା ଓ ପରିକଳ୍ପନା ଦ୍ୱାରା ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଥାଏ: ବାଚସ୍ପତି



ଫୁଲନଖରା (ପିଏନ୍)-ରାଜ୍ୟର ସର୍ବପ୍ରଥମ ରଙ୍ଗୀନ ଦୈନିକ ଓଡ଼ିଆ ଖବରକାଗଜ 'ସମୟ'ର ୨୫ତମ ବାର୍ଷିକ ସମାରୋହ ସଦର ଥାନା ଅନ୍ତର୍ଗତ ମୀରା କୋର୍ଟୟାର୍ଡ଼ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଧାନସଭାର ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ 'ଆଗାମୀ ଦଶନ୍ଧିରେ ଓଡ଼ିଶା' ଶୀର୍ଷକ ଏକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ପ୍ରଥମେ ଭାବନା ତା'ପରେ କାମନା ଓ ପରେ ପରିକଳ୍ପନା ଦ୍ୱାରା ଏକ ସୁନେଲୀ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ହୋଇ ଶିକ୍ଷାର ବିକାଶ ହେଲେ ଅନ୍ୟ ସମସ୍ତ କ୍ଷେତ୍ରର ସାମଗ୍ରୀକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ପୂର୍ବତନ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ ସମ୍ମାନିତ ଅତିଥିରୂପେ ଯୋଗଦେଇ ଆଗାମୀ ୧୦ବର୍ଷ ପାଇଁ ଆମକୁ ପକ୍କା ଘର, ଜୈବିକ କୃଷି, ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ଆଦିବାସୀଙ୍କ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦେଲେ ଏକ ସୁନ୍ଦର ତଥା ବିକଶିତ ଓଡ଼ିଶା ରୂପରେଖ ସାକାର ହେବବୋଲି ବର୍ଣ୍ଣନା କରିଥିଲେ। ଆପୋଲୋ ହସପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଆଲୋକ ଶ୍ରୀବାସ୍ତବ, ଆମ୍ରି ହସପିଟାଲ ମୁଖ୍ୟ ନୀଳନା ମୁଖାର୍ଜି, ଇା ଅଧିକାରୀ କିଶୋରମୋହନ ମହାନ୍ତି ପ୍ରମୁଖ ଆମନ୍ତ୍ରିତ ଅତିଥିଭାବେ ମଞ୍ଚାସୀନ ହୋଇ 'ସମୟ' ରାଜ୍ୟର ଅଗ୍ରଗତିରେ ସହାୟକ ହେଉଥିବା ବିଷୟ ସୂଚନା ଦେବା ସହିତ ଆଗାମୀ ଦଶ ବର୍ଷ ପାଇଁ ଏକ ଉନ୍ନତ ଓଡ଼ିଶା ଗଢ଼ିବା ଦିଗରେ କର୍ପୋରେଟ ହାଉସଗୁଡ଼ିକ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିରଂଜିବୀ ବିଶ୍ୱାଳ, ପ୍ରାକ୍ତନ ସାଂସଦ ତଥା 'ସମୟ'ର ପରିଚାଳନା ସମ୍ପାଦକ ରଂଜୀବ ବିଶ୍ୱାଳ, ତେଜଶ୍ରୀ ବିଶ୍ୱାଳ ଓ ଅନୀତା ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ସମୟ' ପରିବାରର ସମସ୍ତ କର୍ମକର୍ତ୍ତା ଓ ଅଧିକାରୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ପ୍ରଶାସନିକ ଅଧିକାରୀ ସତ୍ୟନାରାୟଣ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ରାଜ୍ୟର ଲବ୍ଧପ୍ରତିଷ୍ଠିତ କଳାକାରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଲଭ୍ ଟ୍ରି: ପ୍ରକୃତି ପ୍ରତି ସମର୍ପିତ ପ୍ରେମ




ଭୁବନେଶ୍ୱର (ପିଏନ୍): ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ୍ ଡ଼େ'କୁ ପ୍ରେମ ଦିବସ ରୂପେ ପାଳନ କରାଯାଉଥିବା ବେଳେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ, ବେରଙ୍ଗ ମୁରୁଜରେ ଲଭ୍ ଟ୍ରି ତିଆରି କରି ଆସ ଆମେ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ଭାଲେଣ୍ଟାଇନ୍ ଦିବସରେ ପ୍ରଦାନ କରିଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କ ଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଗୋଲାପ ଫୁଲ, ଗ୍ରୀଟିଙ୍ଗସ୍, ଉପହାର ଦିଆନିଆ ଭିତରେ ଭାଲେଣ୍ଟାଇନ୍ ଡ଼େ' ପାଳନ ଦେଖିବାକୁ ମିଳିଥାଏ। ହେଲେ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ସୁଶାନ୍ତ ହୃଦୟ ରୂପକ ବୃକ୍ଷକୁ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବୃକ୍ଷ ଉପହାର ଦେଇଛନ୍ତି।

## ବ୍ରହ୍ମେଶ୍ୱରରେ ମହାଶିବରାତ୍ରୀ, ୧୦ଟା ୨୦ରେ ଉଠିବ ମହାଦୀପ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ପାଳନ ହୋଇଛି। ଚଳିତ ବର୍ଷ କୋଭିଡ୍ କଟକଣାରେ ଜାଗରଯାତ୍ରାରେ ଭକ୍ତ ଦର୍ଶନ କରିଛନ୍ତି। ସରକାରଙ୍କ ନିୟମକୁ ଦେଖି ନାମୀକଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ୭ଟାରେ ପରିବେଷଣ କରାଯାଇଥିଲା। ମନ୍ଦିର ନିକଟରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭୋର ସାଢ଼େ ୪ଟାରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା ସେହିପରି ସନ୍ଧ୍ୟା ସାଢ଼େ ୬ଟାରୁ ମଧ ସାହାଣମେଲା ଦର୍ଶନ ହୋଇଥିଲା। ସଂଧ୍ୟା ସାଢ଼େ ୬ଟାରୁ ଭଜନ ସମାରୋହ କରାଯାଇଥିଲା। ଏଥିନେଇ ଶେଷ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ଏଥିରେ ଲର୍ଡ଼ ବ୍ରହ୍ମେଶ୍ୱର ଦେବ ଟେମ୍ପୁଲ ଟ୍ରଷ୍ଟବୋର୍ଡ଼ର ଟ୍ରଷ୍ଟି କାହ୍ନୁ ଚରଣ ସାମନ୍ତରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପୁଷ୍ପା ଦାସ, ସ୍ଥାନୀୟ ମୁରବୀ ଶିବ କୃଷ୍ଣ ପଟ୍ଟନାୟକ, ଅଶୋକ ଦାସ, ଥାନା ଅଧିକାରୀ ଓ ସ୍ଥାନୀୟ ମୁରବୀମାନେ ସାମିଲ ହୋଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୦୨

# ବ୍ୟୟବହୁଳ ପଂଚାୟତ ନିର୍ବାଚନ



ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ତଥା ଜିଲ୍ଲା ପରିଷଦ, ପଂଚାୟତ ସମିତି, ଗ୍ରାମ ପଂଚାୟତ ନିର୍ବାଚନ ପାଇଁ ଭୋଟ ଗ୍ରହଣ କାଁ ଭାଁ ହିଂସାକାଣ୍ଡ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭୋଟ ଗ୍ରହଣ ଶେଷ ହୋଇଛି । କହିବା ଉଚିତ ଯେ, ଅନ୍ୟ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ବେଳେ ଘଟୁଥିବା ହିଂସାକାଣ୍ଡ ତୁଳନାରେ ଓଡ଼ିଶାରେ ହିଂସାକାଣ୍ଡ ଘଟଣା କମ୍ ରହିଛି । ଯେଉଁଥିପାଇଁ କି ଚଳିତ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ବୋଲି କୁହାଯାଇପାରିବ । ମାତ୍ର ନିର୍ବାଚନ ସମୟରେ ଯେପରି ଅର୍ଥବଳ ବୃଦ୍ଧି ପାଇଛି, ମଦ, ଭୋଜିଭାତର ଆସର ଜମିଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ । ପଂଚାୟତ ନିର୍ବାଚନର ପରିବେଶକୁ ଦୃଷ୍ଟିଦେଲେ, ଏହା ବିଧାନସଭା କିମ୍ବା ଲୋକସଭା ନିର୍ବାଚନ ପରିବେଶଠାରୁ କୌଣସି ଗୁଣରେ କମ୍ ନୁହେଁ । ନିର୍ବାଚନ ଅତ୍ୟନ୍ତ ବ୍ୟୟବହୁଳ ହୋଇପଡିଛି । ରାଜ୍ୟ ନିର୍ବାଚନ କମିଶନ ବିଭିନ୍ନ ପଦବୀ ଲାଗି ଧାର୍ଯ୍ୟ କରିଥିବା ବ୍ୟୟ ସୀମାଠାରୁ ପ୍ରାର୍ଥୀଙ୍କ ନିର୍ବାଚନ ବ୍ୟୟ ୨୦ ରୁ ୩୦ଗୁଣ ଅଧିକ ବୋଲି କେହି ବୋଧହୁଏ ଦ୍ୱିମତ ହେବେ ନାହିଁ । ସାଧାରଣତଃ ୱାର୍ଡ ସଭ୍ୟ ପଦ ଲାଗି ବହୁ ପ୍ରାର୍ଥୀ ୫୦ ହଜାରରୁ ଲକ୍ଷେ ପର୍ଯ୍ୟନ୍ତ ଖର୍ଚ୍ଚ କରିଥିବା ଚର୍ଚ୍ଚା ହେଉଥିବାବେଳେ ସରପଂଚ ଓ ସମିତି ସଭ୍ୟ ପଦବୀ ଲାଗି ୧୦ରୁ ୧୫ ଲକ୍ଷ, ସରପଂଚ ପଦ ପାଇଁ ୩୦ରୁ ୩୫ ଲକ୍ଷ ଏବଂ ଜିଲ୍ଲାପରିଷଦ ସଦସ୍ୟ ପଦ ପାଇଁ ୫୦ରୁ ୬୦ ଲକ୍ଷ ଟଙ୍କା ବ୍ୟୟ କରିଥିବା ପ୍ରଚାର ଶୈଳୀରୁ ସ୍ପଷ୍ଟ ମନେହୁଏ । କେବଳ ଏତିକି ନୁହେଁ, 'ଭୋଟ ବଦଳରେ ନୋଟ' ଏବେ ପ୍ରଭାବଶାଳୀ



ପ୍ରାର୍ଥୀମାନଙ୍କର ଏକ ମାଧ୍ୟମ ହୋଇଛି । ନିର୍ବାଚନରେ ବିଜୟୀ ହେବା ଲାଗି ରାଜନୈତିକ ଦଳମାନଙ୍କଠାରୁ ଆରମ୍ଭ କରି ପ୍ରାର୍ଥୀମାନେ ଭୋଟଦାତାଙ୍କୁ ଟଙ୍କା ବାଂଟିଥିବା ଅଭିଯୋଗ ମଧ୍ୟ କିଛି କମ୍ ନୁହେଁ । ଚଳିତ ନିର୍ବାଚନରେ ପ୍ରାର୍ଥୀ ଟଙ୍କା ବାଂଟିବାବେଳେ ଧରାପଡିବା, ଲୋକଙ୍କଠାରୁ ମାଡ ଖାଇବା ଅଭିଯୋଗ ମଧ୍ୟ ହୋଇଛି । ଭୋଟ ଖଣ୍ଡିକୁ ୫୦୦ ଟଙ୍କାଠାରୁ ଆରମ୍ଭ କରି ୨୦୦୦ ଟଙ୍କା ପର୍ଯ୍ୟନ୍ତ ବଂଟାଯାଇଥିବା ଶୁଣାଯାଏ । 'ଭୋଟ ବଦଳରେ ନୋଟ' ପାଇଁ କେବଳ ପ୍ରାର୍ଥୀ କିମ୍ବା ରାଜନୈତିକ ଦଳମାନଙ୍କୁ ଦାୟୀ କରାଯାଇପାରିବ ନାହିଁ । ଏଥିପାଇଁ ଭୋଟଦାତାମାନେ ମଧ୍ୟ ସମପରିମାଣର ଦାୟୀ ବୋଲି କୁହାଯାଇପାରିବ । 'ଭୋଟ ବଦଳରେ ନୋଟ୍' ଏବେ ଭୋଟଦାତାଙ୍କର ମାନସିକତାରେ ପରିଣତ ହୋଇଯାଇଛି । ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟ ତଦାରଖ ପାଇଁ ପର୍ଯ୍ୟବେକ୍ଷକ ଅଛନ୍ତି । ମାତ୍ର ପ୍ରାର୍ଥୀ ଦେଉଥିବା ନିର୍ବାଚନୀ ବ୍ୟୟ କେବଳ 'ଧର୍ମକୁ ଆଖିଠାର' ବୋଲି କହିଲେ ହୁଏତ ଭୁଲ ହେବ ନାହିଁ । ପଂଚାୟତ ନିର୍ବାଚନ ତୃଣମୂଳ ସ୍ତରୀୟ ନିର୍ବାଚନ ହୋଇଥିବାରୁ ଏଥିରେ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଅଧିକ ରହିବା ସ୍ୱାଭାବିକ । ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପାଳନ କରି ଲୋକପ୍ରତିନିଧି ବାଛିବା ପାଇଁ ରାଜନୈତିକ ଦଳଗୁଡିକର ପ୍ରତ୍ୟକ୍ଷ ଅଂଶଗ୍ରହଣକୁ ନିଷିଦ୍ଧ କରାଯାଇଛି । ଏହାସତ୍ତ୍ୱେ ପ୍ରାର୍ଥୀମାନେ ରାଜନୈତିକ ଦଳଗୁଡିକର ପ୍ରତ୍ୟକ୍ଷ ସମର୍ଥନରେ ନିର୍ବାଚନ ଲଢୁଛନ୍ତି ଏବଂ ଏଥିରେ ସ୍ଥାନୀୟ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଧାୟକ, ସାଂସଦ ପ୍ରଚାର କରୁଛନ୍ତି । ପ୍ରଚାରପତ୍ରରେ ମଧ୍ୟ ବିଧାୟକ, ସାଂସଦଙ୍କର ଫଟୋ ରହିଥିବା ଲକ୍ଷ୍ୟ କରାଯାଏ । ବିଜୟ ପାଇଁ ଟଙ୍କା, ଶାଢି, ମଦ, ମାଂସ, ବାଂଟିଥିବା ଚର୍ଚ୍ଚା ହୁଏ । ଯେଉଁଥିପାଇଁ ତୃଣମୂଳ ସ୍ତରର ନିର୍ବାଚନ ଅତ୍ୟନ୍ତ ବ୍ୟୟବହୁଳ ହୋଇପଡିଛି । ପ୍ରାର୍ଥୀ ବା ରାଜନୈତିକ ଦଳମାନଙ୍କ ନିର୍ବାଚନ ବ୍ୟୟ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ 'ସେଂଟର ଫର ମିଡିଆ ଷ୍ଟଡିଜ୍' ପକ୍ଷରୁ ପ୍ରାର୍ଥୀଙ୍କ ନିର୍ବାଚନ ବ୍ୟୟ ନେଇ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ । ରିପୋର୍ଟ ଅନୁଯାୟୀ ୨୦୧୯ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ୨୦୧୪ରେ ୩୦ ହଜାର କୋଟି ଖର୍ଚ୍ଚ କରିଥିଲେ । ଯାହାକି ମାତ୍ର ୫ବର୍ଷରେ ଦ୍ୱିଗୁଣିତ ହୋଇଛି । ଆହୁରି ମଧ୍ୟ ନିର୍ବାଚନ କମିଶନଙ୍କୁ ବିଭିନ୍ନ ରାଜନୈତିକ ଦଳ ପ୍ରଦାନ କରିଥିବା ଖର୍ଚ୍ଚ ବିବରଣୀ ଅନୁଯାୟୀ ବିଜେପି ୨୦୧୫ରୁ ୨୦୧୯ ମଧ୍ୟରେ ୩୫୮୫ କୋଟି ଟଙ୍କା ବ୍ୟୟ କରିଥିବାବେଳେ କଂଗ୍ରେସ ୧୪୦୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ସେହିପରି ୨୦୧୪ ସାଧାରଣ ନିର୍ବାଚନରେ ୨୨୦ କୋଟିରୁ ଅଧିକ ଅର୍ଥ ଜବତ ହୋଇଥିବା ବେଳେ ଉତରପ୍ରଦେଶରୁ କେବଳ ୧୯୧ କୋଟି ଟଙ୍କା ଜବତ ହୋଇଥିଲା । ସେହିପରି ୨୦୧୭ ଉତରପ୍ରଦେଶ ବିଧାନସଭା ନିର୍ବାଚନରେ ୧୧୫ କୋଟି ଜବତ ହୋଇଥିଲା । ୨୦୨୧ରେ ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ, ପୁଡୁଚେରୀ ବିଧାନସଭା ନିର୍ବାଚନରେ ବିଜେପି ୨୫୨କୋଟି ଟଙ୍କା ଖର୍ଚ୍ଚ କରିଥିଲାବେଳେ କଂଗ୍ରେସ ୮୫ କୋଟି ଓ ତୃଣମୂଳ କଂଗ୍ରେସ ୧୪୫ କୋଟି ଟଙ୍କା ବ୍ୟୟ କରିଥିଲା । ନିର୍ବାଚନରେ ପ୍ରାର୍ଥୀଙ୍କ ବ୍ୟୟ ନିୟନ୍ତ୍ରଣ ପାଇଁ ନିର୍ବାଚନ କମିଶନ ଓ ସରକାର ପଦକ୍ଷେପ ନେବା ଜରୁରୀ ।

**ସୌଭାଗ୍ୟ ରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

*କେବଳ ନିଜର ସାଂସାରିକ (ବ୍ୟାବହାରିକ) କାମଟି ସାରିଦେଇ ନିଶ୍ଚିତ ହୋଇଗଲେ ଚଳିବନି । ଅସଂସାରୀ (ପାରମାର୍ଥିକ) ହେବା ପାଇଁ ତ' ବହୁତ କାମ ବାକି ଅଛି ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ତ୍ୱମେବ ସର୍ବଂ ମମ ଦେବଦେବ...

**..............ଡ. ପ୍ରତିଭା ମହାରଥୀ..............**



କୁହାଯାଏ, ଭାରତସ୍ୟ ପ୍ରତିଷ୍ଠେ ଦ୍ୱେ ସଂସ୍କୃତଂ ସଂସ୍କୃତିସ୍ତଥା । ଅର୍ଥାତ୍ ସାରା ବିଶ୍ୱରେ ଭାରତର ପ୍ରସିଦ୍ଧି ଅନ୍ତରାଳରେ ଯେଉଁ ଦୁଇଟି କଥା ରହିଛି, ତାହା ହେଲା ଏହାର ଦେବଭାଷା ସଂସ୍କୃତ ଭାଷା ଓ ଏହାର ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ, ବିଧିବିଧାନ । ଭାରତବର୍ଷର ପ୍ରତ୍ୟେକ ପର୍ବପାଳନ ଏକ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବେସିତ । ଆଧ୍ୟାତ୍ମିକତା ହେଉଛି ପ୍ରତ୍ୟେକ ଧର୍ମର ଆତ୍ମା । ସେହିପରି ଏକ ପର୍ବ ମହାଶିବରାତ୍ରି ଯାହାକି ସର୍ବ ଆତ୍ମାଙ୍କ ପିତା ପରମପିତା ପରମାତ୍ମା ଶିବଙ୍କ ଦିବ୍ୟ ଅବତରଣ ତଥା ଅଦ୍ଭୂତ କର୍ତ୍ତବ୍ୟକୁ ସ୍ମରଣ କରାଇଦିଏ । ଯିଏ ସଂସାରର ଭୟ ତଥା ତ୍ରିତାପକୁ ହରଣ କରନ୍ତି, ଯିଏ ଦେବତାମାନଙ୍କର ତଥା ସଚରାଚର ସୃଷ୍ଟିର ସ୍ୱାମୀ, ଯାହାଙ୍କର ବାହନ ବୃଷଭ, ଯିଏ ଅମ୍ବିକାଙ୍କର ସ୍ୱାମୀ, ଯାହାଙ୍କ ହାତରେ ଖଟ୍ୱାଙ୍ଗ, ତ୍ରିଶୂଳ ଏବଂ ବରଦ ତଥା ଅଭୟ ମୁଦ୍ରା, ସଂସାର ରୋଗ ହରଣ ନିମିତ୍ତ ଯିଏ ଅଦ୍ୱିତୀୟ ଔଷଧ ସ୍ୱରୂପ, ସେହି ମହାଦେବଙ୍କୁ ଭକ୍ତମାନେ ଅମୃତବେଳାରେ ସ୍ମରଣ କରିଥାଆନ୍ତି । ପୁରାଣରେ ଶିବଙ୍କୁ ଦେବାଧିଦେବ ମହାଦେବ ବୋଲି କୁହାଯାଇଛି । ଶିବ ହିଁ ମହାଯୋଗୀ । ଏହାଙ୍କ ପରିଧାନ ବ୍ୟାଘ୍ରଚର୍ମ । ସର୍ପ ଏହାଙ୍କର କଟିବନ୍ଧ, ଉତ୍ତରୀୟ ମଧ୍ୟ । ଏହାଙ୍କ ଦେହସାରା ଭସ୍ମ ବିଲେପିତ ହୋଇଥାଏ । ଶିବ ହେଲେ ଜଟାଜୁଟ ଧାରୀ । ତିନିଗୋଟି ଲୋଚନ ଯୋଗୁ ଶିବ 'ତ୍ରିଲୋଚନ' । ପାଞ୍ଚଗୋଟି ମୁଖ ଥିବାରୁ ଶିବଙ୍କର ଅନ୍ୟ ନାମ 'ପଞ୍ଚାନନ' । ତ୍ରିଶୂଳ ଏହାଙ୍କର ପ୍ରଧାନ ଆୟୁଧ । ଧନୁର ନାମ ପୀନାକ । ସେଥିପାଇଁ ସେ 'ପୀନାକୀ' । ଡମ୍ବରୁ ଶିବଙ୍କର ମୁଖ୍ୟ ବାଦ୍ୟ । ଶିବ ତାଣ୍ଡବ ନୃତ୍ୟପ୍ରିୟ ଅଟନ୍ତି । ତ୍ରିପୁରାସୁରକୁ ବଧ କରିଥିବାରୁ ଏହାଙ୍କର ଅନ୍ୟ ଏକ ନାମ 'ତ୍ରିପୁରାରି' । ଅସୁର ଓ ଦେବତାମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ହଳାହଳ ବିଷକୁ ଜଗତର କଲ୍ୟାଣ ପାଇଁ ପାନ କରିଥିବାରୁ ଏହାଙ୍କର କଣ୍ଠ ନୀଳବର୍ଣ୍ଣ ଧାରଣ କଲା । ତେଣୁ ତାଙ୍କର ଅନ୍ୟ ଏକ ନାମ ହେଲା 'ନୀଳକଣ୍ଠ' । ତପସ୍ୟା ଦ୍ୱାରା ଅତି ଶିଘ୍ର ତୋଷ ହେଉଥିବାରୁ ଏହାଙ୍କ ନାମ 'ଆଶୁତୋଷ' । ଲୋକମାନଙ୍କର ବିଶ୍ୱାସ ଯେ, ମହାଦେବ ସର୍ବଦା ଭାଙ୍ଗ ନିଶାରେ ଭୋଳ ଥାଆନ୍ତି । ତେଣୁ ଏହାଙ୍କର ଅନ୍ୟତମ ନାମ 'ଭୋଳାନାଥ' । ତାଙ୍କର ମସ୍ତକରେ ଚନ୍ଦ୍ରଦେବତା ଶୋଭା ପାଉଥିବାରୁ ତାଙ୍କର ନାମ 'ଚନ୍ଦ୍ରଶେଖର' । ସେ ସଦା ମଙ୍ଗଳମୟ, କଲ୍ୟାଣକାରୀ, ତେଣୁ 'ସଦାଶିବ' ।

ଗଙ୍ଗା ବ୍ରହ୍ମାଙ୍କ କମଣ୍ଡଳୁରେ ବାସ କରୁଥିଲେ । କପିଳ ମୁନିଙ୍କ କ୍ରୋଧରେ ସଗରବଂଶୀମାନେ ଦଗ୍ଧ ହେଉଥିଲେ । ସେମାନଙ୍କର ଉଦ୍ଧାର ନିମନ୍ତେ ଭଗୀରଥ ଗଙ୍ଗାଙ୍କୁ ପୃଥିବୀ ଉପରେ ଅବତରଣ କରାଇବା ପାଇଁ ଚାହିଁଲେ । କଠୋର ତପସ୍ୟା ପରେ ଗଙ୍ଗା ପ୍ରସନ୍ନ ହେଲେ । ଏବେ ପ୍ରଶ୍ନ ଉଠିଲା ଗଙ୍ଗାଙ୍କୁ କିଏ ଧାରଣ କରିବ ? ଭଗୀରଥଙ୍କର ତପସ୍ୟାରେ ମୁଗ୍ଧ ହୋଇ ଶିବ ତାଙ୍କ ଜଟାରେ ଗଙ୍ଗାଙ୍କୁ ଧାରଣ କରିନେଲେ । ଗଙ୍ଗା ପୃଥିବୀରେ ପ୍ରଥମେ ଶିବଙ୍କ ଜଟାରେ ଅବତରଣ କରିଥିଲେ । ଏଣୁ ଶିବ ହେଲେ 'ଗଙ୍ଗାଧର' । ବ୍ରହ୍ମ ଆଦି ଯାବତୀୟ ଜଙ୍ଗମକୁ ପଶୁ ବୋଲାଯାଏ । ଏହି ସବୁର ସ୍ୱାମୀ ହୋଇଥିବାରୁ ତାଙ୍କର ନାମ 'ପଶୁପତି' । ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଶିବରାତ୍ରି ରୂପେ ପାଳନ କରାଯାଏ । ଏହାକୁ ଜାଗର ଅମାବାସ୍ୟା ବୋଲି ମଧ୍ୟ କୁହାଯାଏ । ***''ମାଘ ଫାଲଗୁନୟୋ ମଧ୍ୟେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ/ଶିବରାତ୍ରି ତସ୍ୟ ଜ୍ଞେୟୋ ସର୍ବ ଯଜ୍ଞେଞ୍ଚମୋଞ୍ଚମା ।।''***

ଅଜ୍ଞାନ ଅନ୍ଧାର ଭିତରେ ପଥ ଅଣ୍ଡାଳି ହେଉଥିବା ମନୁଷ୍ୟମାନଙ୍କୁ ଜାଗ୍ରତ କରିବା ନିମନ୍ତେ ଯୋଗୀଗଣ ଶିବରାତ୍ରିରେ ଜାଗ୍ରତ ରହି ଯୋଗସାଧନା କରିଥାଆନ୍ତି । ଜ୍ଞାନୀମାନେ ଜ୍ଞାନଚର୍ଚ୍ଚା କରିଥାଆନ୍ତି । ଭକ୍ତମାନେ ଶିବଭାବରେ ରହି ଶିବଙ୍କ ଅଭିଷେକ କରିଥାଆନ୍ତି । ଶିବ କୋଟି କୋଟି ପ୍ରାଣୀଙ୍କୁ ପରିତ୍ରାଣ କରନ୍ତି । ଯିଏ ଶିବତତ୍ତ୍ୱକୁ ଉପଲବ୍ଧି କରି ନିରନ୍ତର ଶିବ ସ୍ମରଣରେ ନିମଗ୍ନ ରୁହନ୍ତି, ତାଙ୍କ ପ୍ରତି ଶିବ ପ୍ରସନ୍ନ ରୁହନ୍ତି । ଶିବ ମାର୍ଗୀର ମାର୍ଗ ଶ୍ରଦ୍ଧାର ମାର୍ଗ ଅଟେ । ଏଣୁ ତୁଳସୀଦାସ କହିଛନ୍ତି– ***"ଭବାନୀଶଙ୍କରୌ ବନ୍ଦେ ଶ୍ରଦ୍ଧାବିଶ୍ୱାସରୂପିଣୌ ।"*** ଅର୍ଥାତ୍ ଶ୍ରଦ୍ଧା ଏବଂ ବିଶ୍ୱାସରୂପୀ ଭବାନୀଶଙ୍କରଙ୍କୁ ମୁଁ ବନ୍ଦନା କରୁଅଛି । ଆଧ୍ୟାତ୍ମିକ ଚେତନାର ବିକାଶ କରି ପ୍ରତ୍ୟେକ ମାନବାତ୍ମା ମଧ୍ୟରେ ଥିବା ତମୋଗୁଣର ଅନ୍ଧକାରକୁ ଦୂର କରିବା ଏହି ପର୍ବର ଲକ୍ଷ୍ୟ । ଶିବ ଏକ ସାର୍ବଭୌମ ସର୍ବୋଚ୍ଚ ଈଶ୍ୱରୀୟ ସତ୍ତା । ବିଶ୍ୱର ପ୍ରମୁଖ ଧର୍ମ, ସଂସ୍କୃତି ଓ ପ୍ରାଚୀନ ସଭ୍ୟତାର ଅଧ୍ୟୟନରୁ ଏହା ସ୍ପଷ୍ଟ ଯେ, ପରମାତ୍ମାଙ୍କର ଧରାବତରଣର ସ୍ମରଣୋତ୍ସବ ରୂପେ ପାଳିତ ଶିବରାତ୍ରି ବିଶ୍ୱର ସର୍ବାତ୍ମାଙ୍କ ପାଇଁ ଉଦ୍ଦିଷ୍ଟ । କେବଳ ଗୋଟିଏ ରାତ୍ରି ନିରାହାର, ପବିତ୍ର ରହି ଉପବାସ କରି ଶିବ ମନ୍ଦିରରେ ମାଟି ଦୀପଟିଏ ଜାଳିଦେବା ଏହି ବ୍ରତର ଉଦ୍ଦେଶ୍ୟ ନୁହେଁ । କେବଳ ଗୋଟିଏ ରାତ୍ରି ଉଜାଗର ରହିବା ଦ୍ୱାରା ବିଶେଷ କିଛି ପ୍ରାପ୍ତି ହୋଇନଥାଏ । ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ ରାତ୍ରି ଅଜ୍ଞାନ ଅନ୍ଧକାରର ପ୍ରତୀକ । ଯେତେବେଳେ ସମଗ୍ର ସୃଷ୍ଟି ଧର୍ମଭ୍ରଷ୍ଟ, କର୍ମଭ୍ରଷ୍ଟ ଓ ବିକାରପ୍ରଧାନ ହୋଇଯାଏ, ସେତେବେଳେ ବିଶ୍ୱ ପରିବର୍ତ୍ତନ କରିବା ପାଇଁ ପରମାତ୍ମାହିଁ ଏକମାତ୍ର ବିକଳ୍ପ ଅଟନ୍ତି ।

ଏହି ଅବସରରେ ବିକାରରୂପୀ 'ଅରଖ' ଓ 'ଦୁଦୁରା' ଫୁଲ ଶିବଙ୍କୁ ଅର୍ପଣ କରି ପବିତ୍ର ଜୀବନଯାପନ କରିବାକୁ ପରମାତ୍ମା ନିର୍ଦ୍ଦେଶ ଦିଅନ୍ତି । ମାଟିଦୀପ ବିନାଶୀ, ପଞ୍ଚତତ୍ତ୍ୱରେ ଗଢ଼ା ଶରୀରର ପ୍ରତୀକ ଏବଂ ଦୀପରେ ଜଳୁଥିବା ଜ୍ୟୋତି ଆତ୍ମାର ପ୍ରତୀକ । ଜାଗର ଅର୍ଥ ଜାଗୃତି । ଦେହ ପରିବର୍ତ୍ତେ ନିଜକୁ ଆତ୍ମା ବୋଲି ଭାବି ନିଜର ଆତ୍ମଶକ୍ତିକୁ ଜାଗ୍ରତ କରିବା ଅର୍ଥାତ୍ ଆତ୍ମାର ସ୍ୱଧର୍ମ 'ଶାନ୍ତି' ଏବଂ ପବିତ୍ରତାର ବ୍ରତ ପାଳନ କରିବା ଯଥାର୍ଥରେ ଜାଗରର ଉଦ୍ଦେଶ୍ୟ । ମାଟି ଦୀପକୁ ଜଳେଇବା ପାଇଁ ସାଧାରଣ ଘୃତ ବା ତେଲ ଆବଶ୍ୟକ ହେଉଥିବା ସ୍ଥଳେ ଆତ୍ମଜ୍ୟୋତିକୁ ଜାଗ୍ରତ କରିବା ପାଇଁ ଦିବ୍ୟ ଆତ୍ମଜ୍ଞାନରୂପୀ ଘୃତ ଆବଶ୍ୟକ ହୋଇଥାଏ । ଦୀପ ଆତ୍ମଜ୍ୟୋତିର ପ୍ରତୀକ ଏବଂ ମହାଦୀପ ମହାଜ୍ୟୋତି ଶିବ ପରମାତ୍ମାଙ୍କ ପ୍ରତୀକ । ପରମାତ୍ମା ଶିବ ନିରାକାର ଜ୍ୟୋତିବିନ୍ଦୁ ସ୍ୱରୂପ । ତେଣୁ ଶିବାଳୟମାନଙ୍କରେ ତାଙ୍କର ନିରାକାର ସ୍ୱରୂପ 'ଶିବଲିଙ୍ଗ' ହିଁ ପୂଜା ପାଇଥାଏ । କେବଳ ଶିବ ପରମାତ୍ମା ହିଁ ସୃଷ୍ଟିର ଆଦି, ମଧ୍ୟ, ଅନ୍ତର ରହସ୍ୟକୁ ଜାଣନ୍ତି । ତେଣୁ ଶିବ ହେଲେ ତ୍ରିକାଳଦର୍ଶୀ । ଶିବ ପରମାତ୍ମା ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ସତ୍ୟଯୁଗର ସ୍ଥାପନା, ଶଙ୍କରଙ୍କ ଦ୍ୱାରା ପୁରୁଣା କଳିଯୁଗୀ ଦୁନିଆର ମହାବିନାଶ ଏବଂ ବିଷ୍ଣୁଙ୍କ ଦ୍ୱାରା ଦୈବୀ ସୃଷ୍ଟିର ପାଳନା ଏହି ତିନୋଟି ଦିବ୍ୟ କର୍ତ୍ତବ୍ୟ କରାଇଥାଆନ୍ତି । ତେଣୁ ସେ ତ୍ରିଦେବ ବା ତ୍ରିମୂର୍ତ୍ତି ଶିବ ନାମରେ ପରିଚିତ । ଏହାର ସ୍ମୃତି ସ୍ୱରୂପ ଶିବଲିଙ୍ଗରେ ତିନୋଟି ଗାର ଥାଏ ଏବଂ ତ୍ରିଶାଖା ବେଲପତ୍ର ଚଢ଼ାଯାଏ । ଗଳାରେ ସର୍ପ ଧାରଣ କରିଥାନ୍ତି ଶିବ । ସର୍ପ ଅମରତ୍ୱର ପ୍ରତୀକ, ତେଣୁ ଅଜର, ଅମର, ଅବିନାଶୀ ଶିବ ପରମାତ୍ମାଙ୍କ ଗଳାମଣ୍ଡନ କରିଥାଏ । ଅନ୍ୟ ଏକ ଅର୍ଥରେ ସର୍ପ ବିଷଧର ଅଟେ । ସେଥିପାଇଁ କୁହାଯାଏ– ***"ସର୍ପ ସମାନ ଭୟଙ୍କର, ଦୁର୍ଜନ ସଙ୍ଗ ପରିହର ।"*** ମାତ୍ର ମହାଯୋଗୀ ଶିବ ସବୁରି ଉପରେ ବିଜୟ ହାସଲ କରିପାରିଥିବାରୁ ସମସ୍ତେ ତାଙ୍କର ଅଧୀନ । ଶିବଙ୍କ



ହସ୍ତରେ ଥିବା ତ୍ରିଶୂଳ ଶିବଭକ୍ତମାନଙ୍କର ତ୍ରିତାପ (ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଦିଦୈବିକ) ଜନିତ ଦୁଃଖ ଓ କ୍ଲେଶ ହରଣ କରିଥାଏ । ଶିବଙ୍କ ଆସନ ବ୍ୟାଘ୍ରଛାଲ ବିକାର ଉପରେ ବିଜୟ ପ୍ରାପ୍ତିର ସଙ୍କେତ ଦେଇଥାଏ । ଶିବଙ୍କ ଉପରେ ଲେପିତ ଶ୍ମଶାନ ଭସ୍ମ ବୈରାଗ୍ୟର ପ୍ରତୀକ । ଶିବଙ୍କ ଶରୀରର ଗୌର ବା ଶ୍ୱେତବର୍ଣ୍ଣ ପବିତ୍ରତାର ପ୍ରତୀକ । ହସ୍ତରେ ଧରିଥିବା ମୃଗ ସୂଚନା ଦିଏ ଚଞ୍ଚଳ ମନ ଉପରେ ବିଜୟ ହାସଲ କରିପାରିଲେ ହିଁ ଆମେ ବିଶ୍ୱବିଜୟୀ ହୋଇପାରିବା । ମନର ଦେବତା ଚନ୍ଦ୍ରକୁ ମଥାରେ ଧାରଣ କରିଥିବାରୁ ଶିବ ସଦା ସର୍ବଦା ଶାନ୍ତ, ଶୀତଳ, ଜିତେନ୍ଦ୍ରିୟ ଓ ଅମୃତମୟ । ଉପରେ ଥିବା ବସୁନ୍ଧରା ପାତ୍ରରୁ ଶିବଲିଙ୍ଗ ଉପରେ ପଡୁଥିବା ବିନ୍ଦୁ ବିନ୍ଦୁ ଜଳ ଏ କଥା ସୂଚେଇ ଦେଇଥାଏ କି ପରମାତ୍ମାଙ୍କ ସହିତ ବିନ୍ଦୁରୂପୀ ଆତ୍ମାମାନେ ନିରନ୍ତର ସଂଯୁକ୍ତ ରହିବା ଉଚିତ । ଶିବଙ୍କ ବାହନ ବୃଷଭ 'ନନ୍ଦୀ' ସାକ୍ଷାତ୍ ଧର୍ମାବତାର । "ଯତ୍ର ଧର୍ମଂ ତତ୍ର ଜୟଃ" ସେଥିପାଇଁ କୁହାଯାଇଥାଏ । ପୁନଶ୍ଚ ଶିବ ପରିବାରରେ ବୃଷଭ, ସିଂହ, ମୂଷିକ, ସର୍ପ ଓ ଗରୁଡ଼ ପରସ୍ପର ବୈରଭାବ ତ୍ୟାଗ କରି ସୁଖ ଶାନ୍ତି ଆନନ୍ଦରେ ଏକତ୍ର ବାସ କରନ୍ତି । ତେଣୁ ଏ ସୃଷ୍ଟିରେ କେହି କାହାର ଶତ୍ରୁ ନୁହଁନ୍ତି । ଏ ସବୁର ମୂଳ କାରଣ ମନ । ମନ ଉପରେ ନିୟନ୍ତ୍ରଣ ଏକାନ୍ତ ଆବଶ୍ୟକ । ସେଥିପାଇଁ ଶ୍ରୀମଦ୍‌ଭଗବଦ୍‌ଗୀତାରେ କୁହାଯାଇଛି– ***''ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ/ବନ୍ଧାୟ ବିଷୟାସକ୍ତଂ ମୁକ୍ତ୍ୟୈ ନିର୍ବିଷୟଂ ସ୍ମୃତମ୍ ।''*** ଅର୍ଥାତ୍ : ମନ ହିଁ ମନୁଷ୍ୟର ବନ୍ଧନ ଏବଂ ମୋକ୍ଷର କାରଣ । କାରଣ ମନ ବିଷୟାସକ୍ତ ହେଲାପରେ ବନ୍ଧନର ହେତୁ ହୁଏ ଏବଂ ବିଷୟରେ ବୈରାଗ୍ୟ ଜନ୍ମିଲା ମାତ୍ରେ ମୁକ୍ତି ହୋଇଥାଏ ।

ଶ୍ୟଙ୍କରାଚାର୍ଯ୍ୟ ମଧ୍ୟ କହିଛନ୍ତି–ବନ୍ଧୋ ହି କୋ ?– ଯୋ ବିଷୟାନୁରାଗଃ । କୋ ବା ବିମୁକ୍ତିଃ– ବିଷୟେ ବିରକ୍ତିଃ ।। (ମଣିରତ୍ନମାଳା) ଅର୍ଥାତ୍ ବନ୍ଧନ କାହାକୁ କହନ୍ତି ? –ବିଷୟ ଭୋଗରେ ମନର ଯେଉଁ ଅନୁରାଗ, ତାହାର ନାମ ବନ୍ଧନ । ଆଉ ମୁକ୍ତି କାହାକୁ କହନ୍ତି ? ବିଷୟବାସନାରହିତ ବା ବିଷୟରେ ବିରକ୍ତି ହେବାର ନାମ ମୁକ୍ତି । ସୁତରାଂ ଆସକ୍ତିଶୂନ୍ୟତା ହିଁ ସୁଖ, ଶାନ୍ତି, ଆନନ୍ଦର ଉତ୍ସ । ପରମାତ୍ମା ଶିବଙ୍କର ଶରୀର ନାହିଁ । ଶରୀରଧାରୀ ପାଖକୁ ଶରୀର ଦ୍ୱାରା ଯିବାକୁ ପଡ଼େ । ତେବେ ଯାହାଙ୍କର ଶରୀର ନାହିଁ, ତାଙ୍କ ପାଖକୁ ଯିବାକୁ ହେଲେ ପ୍ରଥମେ ନିଜକୁ ଏକ ଅଶରୀରୀ, ଶରୀରରୁ ଭିନ୍ନ ଏକ ଜ୍ୟୋତିର୍ବିନ୍ଦୁ ଆତ୍ମା ବୋଲି ନିଶ୍ଚୟ କରିବାକୁ ହେବ । ମନରୂପୀ ବିମାନ ଦ୍ୱାରା ପରମାତ୍ମା ଶିବଙ୍କ ନିକଟକୁ ଯିବାକୁ ହେବ ଏବଂ ବୁଦ୍ଧିଦ୍ୱାରା ତାଙ୍କଠାରୁ ବରଦାନ ନେବାକୁ ହେବ । ତେବେ ମନଦ୍ୱାରା କିପରି ଯିବେ ? ଏପରିକି ସଂସାରରେ ଯାହା ସହିତ ସ୍ନେହ ଥାଏ, ତାଙ୍କ ବିଷୟରେ ମନୁଷ୍ୟ କହିଥାଏ ଯେ ମୋର ମନ ତା ପାଖରେ ଅଛି, କିନ୍ତୁ ଶରୀର ଏହିଠାରେ ଅଛି । ତେବେ ଯଦି ପରମାତ୍ମା ଶିବଙ୍କ ସହିତ ଆମର ସ୍ନେହ ଅଛି, ତେବେ ଆମର ଶରୀର ଏହିଠାରେ ରହି ମଧ୍ୟ ମନ ସେଠାକୁ ଯାଇପାରିବ । ପରମାତ୍ମା ଶିବ ଆମର ମାତା, ପିତା,ଶିକ୍ଷକ, ଗୁରୁ, ବନ୍ଧୁ ସବୁକିଛି । ସେ ବ୍ରହ୍ମଲୋକନିବାସୀ । ବ୍ରହ୍ମଲୋକ କେଉଁଠାରେ ? କୁହାଯାଏ ସ୍ଥୂଳଲୋକ ଓ ସୂକ୍ଷ୍ମଲୋକ ଉପରେ, ସୂର୍ଯ୍ୟ ଚନ୍ଦ୍ର ତାରା, ଆକାଶ, ମହାକାଶ ପରେ ଆଉ ଏକ ଦିବ୍ୟ ଦୁନିଆ ଅଛି, ଯେଉଁଠାରେ ପ୍ରକାଶ ହିଁ ପ୍ରକାଶ ଅଟେ, ଯେଉଁଠାରେ ପରମାତ୍ମା ଶିବ ବାସ କରିଥାଆନ୍ତି । ଯେଉଁ ଧାମକୁ ବ୍ରହ୍ମଲୋକ, ନିର୍ବାଣ ଧାମ, ଶାନ୍ତିଧାମ, ପରମଧାମ, ମୁକ୍ତିଧାମ ଆଦି କୁହାଯାଇଥାଏ । ସେହି ସ୍ଥାନକୁ ମନରୂପୀ ଯାନରେ ଯିବାକୁ ହେବ । ସଂସାରରେ ମଧ୍ୟ ଦେଖାଯାଏ, ଯେଉଁଠାକୁ ମନୁଷ୍ୟକୁ ଯିବାକୁ ହୋଇଥାଏ, ପ୍ରଥମେ ତାଙ୍କର ମନ ସେଠାରେ ପହଞ୍ଚି ଯାଇଥାଏ, ପରେ ସେ ସ୍ୱୟଂ ପହଞ୍ଚିଥାଏ । ତେବେ ବର୍ତ୍ତମାନ ସମୟରେ ଆମେ ଜୀବାତ୍ମାମାନେ ମନକୁ ଶିବ ପରମାତ୍ମାଙ୍କ ସହ ଯୋଡ଼ି ଦେଇ, ବୁଦ୍ଧି ଦ୍ୱାରା ତାଙ୍କ ସହ ମଗ୍ନ ହୋଇପାରିଲେ ସମ୍ପୂର୍ଣ୍ଣ ପବିତ୍ରତା, ସଦାସୁଖ ଏବଂ ଚିରଶାନ୍ତି ଲାଭ କରିପାରିବା ।

***-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯***

# ବିଜେଡ଼ିର ଜୟଯାତ୍ରା ଓ ନବୀନ ସୁନାମୀ

**ବାଦଲ ଭୂୟାଁ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡ଼ିର ବିଜୟ ଯାତ୍ରା ଅବ୍ୟାହତ ରହିଛି ।



ସଂସଦୀୟ ଗଣତନ୍ତ୍ରରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ । ସମ୍ବିଧାନ ଓ ଆଇନର ଶାସନରେ ଉଭୟ ଶାସନର ଢ଼ାଞ୍ଚା ଉପସ୍ଥାପନ କରନ୍ତି ଓ ନିର୍ବାଚନ ମାଧ୍ୟମରେ ଜନାଦେଶ ଲୋଡ଼ିଥାନ୍ତି । ସଂପ୍ରତି ଓଡ଼ିଶାର ପଞ୍ଚାୟତ ନିର୍ବାଚନର ଫଳାଫଳ ଏ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇଛି ଏଥିରେ ଶାସକ ବିଜେଡ଼ି ଦଳକୁ ଅଭୁତପୂର୍ବ ଜନସମର୍ଥନ ମିଳିଛି । ଦୁଇଟିଯାକ ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ଏକ ପ୍ରକାର ମୂଳପୋଛ ସ୍ଥିତିରେ କହିଲେ ଚଳେ । ଗଣତି ଯେତିକ ବଢୁଛି ପଞ୍ଚାୟତରେ ବିଜେଡ଼ିର ଆଧିପତ୍ୟ ସେତେ ବଢୁଛି । ଏହି ଲେଖା ପ୍ରସ୍ତୁତି ହେଲାବେଳକୁ ୬୨୦ ମଧ୍ୟରୁ ବିଜେଡ଼ି ୫୫୩, କଂଗ୍ରେସ ୩୦ ଓ ବିଜେପି ୩୦ଟିରେ ଆଗୁଆ । ବିଜେଡ଼ିର ଜୟଯାତ୍ରା କେବଳ ଉପକୂଳ ନୁହେଁ ଦକ୍ଷିଣରୁ ଉତ୍ତର, ପଶ୍ଚିମ ସବୁଠି ବିଜେଡ଼ିର ହିଁ ଜୟଯାତ୍ରା ଯଦିଓ କୋରାପୁଟ ରାୟଗଡ଼ାରେ ବିଜେଡ଼ିକୁ କଂଗ୍ରେସ କିଛି ଭାବରେ ଲଢ଼େଇ କରୁଛି ତେବେ ବଲାଙ୍ଗୀର, ବରଗଡ଼, ସମ୍ବଲପୁର ଓ ଖୋର୍ଦ୍ଧାରେ ବିଜେପି ନିଜ ସମ୍ମାନ ରଖିବା ପାଇଁ ଲଢୁଛି । ବିଜେଡ଼ି ପାଖାପାଖି ୮୯% ସିଟ ପାଇସାରିଲାଣି । ପ୍ରଥମ ଗଣତିରେ ବିଜେଡ଼ି ୩୧୫ରୁ ୨୮୨ଟିରେ ବିଜୟ ପାଇଛି । ୧୪ଟିରେ କଂଗ୍ରେସ ଓ ୧୫ଟି ସିଟରେ ବିଜେପି ଓ ବାକି ୨% ସିଟ ସ୍ୱାଧୀନ ବା ଅନ୍ୟଦଳ ପାଇଛନ୍ତି ।



ତେବେ ଲଗାତର ଭାବେ ଦ୍ୱିତୀୟ ଦିନର ଗଣତିରେ ବିଜେଡ଼ିର ଜୟଯାତ୍ରା ଜାରି ରହିଥିବାବେଳେ ବିରୋଧୀ କଂଗ୍ରେସ ଓ ବିଜେପିକୁ ବହୁ ପଛରେ ପକାଇ ଦେଇଛି ବିଜେଡ଼ି । ତେବେ ଏହା ଭିତରେ ରାଜନୈତିକ ବୟାନ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଯାଇଛି । ବିଜେପିର ବରିଷ୍ଠ ନେତା ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ଏହା ଜନାଦେଶ ନୁହେଁ ଧନାଦେଶ । ଏହାର ଜବାବରେ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ବିରୋଧୀଙ୍କ ଏଜେଣ୍ଡାରେ ସାଧାରଣ ଲୋକଙ୍କ ସ୍ୱାର୍ଥ ନାହିଁ । ସେହିଭଳି ବିଜେପିର ଗଡ଼ ତଥା ମଜଭୁତ କ୍ଷେତ୍ର କୁହାଯାଉଥିବା ମୟୂରଭଞ୍ଜରେ ବିଜେପି ଚିତପଟାଙ୍ଗ ମାରିଛି । ମୟୂରଭଞ୍ଜ ଜିଲ୍ଲାର ୫୬ଟି ଜିଲ୍ଲା ପରିଷଦ ଜୋନ ମଧ୍ୟରୁ ବିଜେଡ଼ି ୨୫ଟି ଜୋନରେ ବିଜୟୀ ହୋଇଛି । ଏହି ମୟୂରଭଞ୍ଜର ବିଜେପି ଗଡ଼ ଭାଙ୍ଗି ବିଜେଡ଼ିର ଜୟଯାତ୍ରାର ଅଗ୍ରଣୀ ନେତୃତ୍ୱ ମହାନାୟକ ହେଉଛନ୍ତି ନବୀନବାବୁ । ତାଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ କାର୍ଯ୍ୟ ଜନସାଧାରଣଙ୍କ ହୃଦୟକୁ ଛୁଇଁଛି । ଏହି ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଦଳର କର୍ମତତ୍ପର ଯୁବ ନେତୃତ୍ୱ ପ୍ରଣବ ପ୍ରକାଶ ଦାସଙ୍କ ହାତରେ ରହିଥିବାବେଳେ ସହ ପର୍ଯ୍ୟବେକ୍ଷକ ଭାବେ ବିଜେଡ଼ିର ସାଧାରଣ ସମ୍ପାଦକ ତଥା ଟାଣୁଆ ଯୁବନେତା ଜନ୍ମେଜୟ ଲେଙ୍କାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ କାର୍ଯ୍ୟ ଦକ୍ଷତା ରହିଛି । ଏହା ପୂର୍ବରୁ ଜନ୍ମେଜୟବାବୁ ବିଜେଡ଼ିର ଜଣେ ଆସେଟ୍ ଭାବେ ପ୍ରତୀୟମାନ ହୋଇଛନ୍ତି । କେବଳ ବଡ଼ଚଣା ନିର୍ବାଚନ କ୍ଷେତ୍ର ନୁହେଁ, ଯାଜପୁର ଜିଲ୍ଲାରେ ତାଙ୍କର ନେତୃତ୍ୱ, ପ୍ରତିପତ୍ତି ଓ ଦଳ ପ୍ରତି ନିଷ୍ଠାପର ଅବଦାନ ରହିଛି । କୁହାଯାଉଛି ମୟୂରଭଞ୍ଜର ନିର୍ବାଚନ କ୍ଷେତ୍ର ପାଇଁ ବିଜେପିର ସମସ୍ତ ଚାଲକୁ ଜନ୍ମେଜୟବାବୁ ହିଁ ପରାଜିତ କରିଦେଲେ । ତାଙ୍କ ଶାଣିତ ରଣନୀତି ଓ ସରକାରଙ୍କ ଲୋକପ୍ରିୟ ଯୋଜନାକୁ ସେ ଲୋକଙ୍କ ପାଖରେ ହିଁ ପହଞ୍ଚାଇପାରିଲେ ।

୨୦୧୭ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଭଲ ଫଳାଫଳ ପାଇଥିଲା । ୨୦୦୭ରେ ବିଜେପି ବିଜେଡ଼ି ସହ କ୍ଷମତାରେ ରହିଥିଲା ସେତେବେଳେ ବିଜେଡ଼ି ୩୫୨ଟି ଜିଲ୍ଲା ପରିଷଦ ଆସନ ପାଇଥିବାବେଳେ ବିଜେପି ୧୩୭ଟି ପାଇଥିଲା ଏବଂ କଂଗ୍ରେସ ୨୮୩ ଆସନ ହାତେଇ ଥିଲା । ୨୦୧୨ରେ ବିଜେପି ସରକାରରେ ନଥାଇ ମଧ୍ୟ ଏକାକୀ ଲଢ଼ି ୪୭ଟି ଆସନ ପାଇଥିଲା କିନ୍ତୁ ୨୦୧୭ରେ ବିଜେପି ଭୋଟରଙ୍କ ବିଶ୍ୱାସ ଜିତି ପାଖାପାଖି ୩୦୦ ଜିଲ୍ଲା ପରିଷଦ ଆସନ ପାଇ ଶାସକ ବିଜେଡ଼ିକୁ କଡ଼ା ଟକ୍କର ଦେଇଥିଲା । ବିଜେପି ପାଞ୍ଚଟିଯାକ ପଶ୍ଚିମ ଓଡ଼ିଶା ଜିଲ୍ଲାରେ କ୍ଲିନ ସୁଇପ୍ କରିଥିଲା ଓ ମୟୂରଭଞ୍ଜରେ ଅଭୁତପୂର୍ବ ପ୍ରଦର୍ଶନ ଦେଖାଇଥିଲା କିନ୍ତୁ ୨୦୨୨ ନିର୍ବାଚନ ଫଳ ବିଜେପିର ଚେରମୂଳ ସଫା କରିଦେଇଛି ଛଅଟି ଜିଲ୍ଲାରେ । ଏହା ସତ୍ୟ ଓଡ଼ିଶାର ଉପକୂଳ କ୍ଷେତ୍ରରେ ବିଜେପି ଦୁର୍ବଳ କିନ୍ତୁ ପଶ୍ଚିମ ଓଡ଼ିଶା ଦଳର ଗଡ଼ ହୋଇଥିବାବେଳେ ଏଭଳି ବିପର୍ଯ୍ୟୟ କାହିଁକି ସାମ୍ନା କଲା ? ପ୍ରଥମତଃ ବିଜେପିର ବରିଷ୍ଠ ନେତାଙ୍କ ଭିତରେ ବୁଝାମଣା ଓ ସମନ୍ୱୟର ଅଭାବ ରହିଲା । ବିଜେପି ହେଉଛି ସେହି ଦଳ ଯାହାର କରିତକର୍ମା କେନ୍ଦ୍ର ନେତୃତ୍ୱ ଅମିତ ଶାହାଙ୍କ ସଶକ୍ତ ବୁଥ ଫର୍ମୁଲା ରହିଛି ତାହାକୁ କିନ୍ତୁ ଓଡ଼ିଶା ବିଜେପି ନାଁ ଶିକ୍ଷାଲାଭ କଲା, ନାଁ କାମରେ ଲଗାଇଲା । ତୃଣମୂଳସ୍ତରରେ କର୍ମୀମାନଙ୍କୁ ଏକଜୁଟ କରି ସରକାରଙ୍କ ନିଷ୍କ୍ରିୟତା ଓ ଅନେକ ପ୍ରସଙ୍ଗକୁ ନେଇ ସେମାନଙ୍କ ପାଖରେ ପହଞ୍ଚ ପାରିଲାନାହିଁ । ୨୦୧୭ ନିର୍ବାଚନରେ ପଞ୍ଚାୟତ ନିର୍ବାଚନର ବିଜେପିର ବଡ଼ ସେନାପତି ଥିଲେ ପୋଷ୍ଟର ବୟ ଧର୍ମେନ୍ଦ୍ର ବାବୁ । ଏଥର ସେ ଉତ୍ତରପ୍ରଦେଶ ନିର୍ବାଚନ ପ୍ରଭାରୀ ଦାୟିତ୍ୱରେ ଥିବାରୁ ନିଜ ଘର ସଜାଡ଼ିବା ସମ୍ପୂର୍ଣ୍ଣ ଭୁଲିଗଲେ କହିଲେ ଚଳେ । କହିବାକୁ ଗଲେ ବିଜେପିର ଦିଗହୀନ, ରଣନୀତିବିହୀନ ଲଢ଼େଇ ମହଙ୍ଗା ପଡ଼ିଗଲା । ବିଜେଡ଼ିର ସଶକ୍ତ ତୃଣମୂଳ ସ୍ତରରେ କର୍ମୀ ରହିଛନ୍ତି ଏବଂ ଓଡ଼ିଶାରେ ନବୀନଙ୍କ ରାଜୁତି ପଛରେ ବଡ଼ ଅବଦାନ ରହିଛି ତାଙ୍କ ନିର୍ମଳ ବ୍ୟକ୍ତିତ୍ୱ । କେବଳ ମୁଖ୍ୟ ବିରୋଧୀ ଦଳର ବିଜେପି ନୁହେଁ କଂଗ୍ରେସ ମଧ୍ୟ ଆତ୍ମସମୀକ୍ଷା କରିବା ଜରୁରୀ । ଚିନ୍ତନ, ମନ୍ଥନ ଓ ବିବୃତ୍ତି ସର୍ବସ୍ୱ ହେଲେ ଦଳ କିଭଳି ଅପଦସ୍ତ ଓ ପ୍ରତ୍ୟାଖାତ ହୁଏ ତାହା ହୁଏତ ଓଡ଼ିଶାର କଂଗ୍ରେସ ଓ ବିଜେପି ଦଳର ନେତାମାନେ ବୁଝି ସାରିବେଣି । ତେବେ ଗଣତି ପର୍ବ ସମାପ୍ତି ପରେ ଏହା ଉପରେ କୌଣସି ସ୍ପଷ୍ଟ ମନ୍ତବ୍ୟ ଦିଆଯାଇପାରେ । ବାସ୍ତବ କଥା ହେଉଛି ବିଜେପିର ଆଠ ଜଣ ସାଂସଦ ଓ ବାଇଶ ଜଣ ବିଧାୟକ ଥାଇ ବିଜେଡ଼ି ଆଗରେ କିପରି ପ୍ରଦର୍ଶନ ଦେଖାଇପାରିଲେ ନାହିଁ । ସେମାନଙ୍କ କ୍ଷେତ୍ର ରକ୍ଷଣକୁ ନିଜେ ଦୁର୍ବଳ କରିବା ସହ ନେତୃତ୍ୱ ସଙ୍କଟ ମଧ୍ୟ ଦେଖାଦେଇଛି ବୋଲି ରାଜନୈତିକ ସମୀକ୍ଷକଙ୍କ ମତ । ତେବେ ବିଜେଡ଼ି ଓଡ଼ିଶାର ପ୍ରଗତିକୁ ବୁଲେଟ ଟ୍ରେନ ଭଳି ଆଗକୁ ନେଇଯିବ ଏବଂ ଏକ ସମୃଦ୍ଧ ସଶକ୍ତ ପ୍ରଗତି ଓଡ଼ିଶା ଗଠନର ବାଟ ସଂପ୍ରସାରିତ ହେବ ବୋଲି ଆଶା କରିବା ବୃଥା ନୁହେଁ । ଗ୍ରାମାଞ୍ଚଳର ଭୋଟର ଯେଉଁ ବିଜେଡ଼ି ସପକ୍ଷରେ ଜନାଦେଶ ଦେଇଛନ୍ତି ପୌର ନିର୍ବାଚନରେ ଯଦି ସମାନ ଦୃଶ୍ୟ ଦେଖିବାକୁ ମିଳେ, କେହି ବିସ୍ମିତ ହେବାର ନାହିଁ । ଦୁର୍ବଳ ବିରୋଧୀ ଦଳ ଏକ ସଂଖ୍ୟାଗରିଷ୍ଠ ସଶକ୍ତ ଶାସକ ଦଳକୁ ସାମ୍ନା କରିବା ପାଇଁ ଆଉ କେତେ ସମୟ ନେବ ତାହା ସେହି ସମୟ ପାଖରେ ହିଁ ଉତ୍ତର ଅଛି ।

***-ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୭୪୮୮୯୯୮୫୩୨,***
***E-mail:badal009bhuyan@gmail.com***




# ଅନୁଗୁଳ ମ୍ୟୁନିସିପାଲିଟିର ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର, (ପି.ଏନ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଅନୁଗୁଳ ମ୍ୟୁନିସିପାଲିଟିର ବିଜେପି ଓ କଂଗ୍ରେସ ଦଳର ପଦାଧିକାରୀ ଓ ଶତାଧିକ କର୍ମୀ ଆଜି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ୍ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ପୂର୍ବତନ ମ୍ୟୁନିସିପାଲିଟି ଚେୟାରମ୍ୟାନ୍, ପୂର୍ବତନ କାଉନ୍ସିଲର ଓ ୩୦୦ରୁ ଅଧିକ କର୍ମୀ ସାମିଲ ଅଛନ୍ତି । ସୋମବାର ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ସମସ୍ତ କଂଗ୍ରେସ ଓ ବିଜେପି ନେତୃବୃନ୍ଦଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଚଳିତ ପଂଚାୟତ ନିର୍ବାଚନରେ ରାଜ୍ୟବାସୀ ବିଜେଡ଼ିକୁ ବିପୁଳ ସମର୍ଥନ ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅହେତୁକ ଆଶୀର୍ବାଦ ପ୍ରଦାନ କରିଛନ୍ତି, ସେଥିପାଇଁ ସେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ସାଂଗଠନିକ ସମ୍ପାଦକ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ ।ବିଜୁ ଜନତା ଦଳର ଅନୁଗୁଳ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଅନୁଗୁଳ ମ୍ୟୁନିସିପାଲିଟିର ପୂର୍ବତନ ଚେୟାରମ୍ୟାନ୍ ଅକ୍ଷୟ କୁମାର ସାମନ୍ତ ଓ ପୂର୍ଣ୍ଣଚନ୍ଦ୍ର ରାଉତ, ରାଜ୍ୟ କଂଗ୍ରେସର ସମ୍ପାଦକ ତଥା ଅନୁଗୁଳ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ଦାସ, ପୂର୍ବତନ କାଉନ୍ସିଲର କାର୍ତ୍ତିକ ପରିଡ଼ା, ବିକାଶ ସୁବୁଦ୍ଧି, ଗୌରୀ ଶଙ୍କର ସେଠୀ, ଅନୁଗୁଳ ଜିଲ୍ଲା ମହିଳା କଂଗ୍ରେସର ପୂର୍ବତନ ଉପସଭାପତି ରାଜଶ୍ରୀ ମହାନ୍ତି, ସମାଜସେବୀ ତଥା ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ବିଦ୍ୟା ନାୟକ, ଶଙ୍କର ସେଠୀ, ରାଜ୍ୟ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ମମତା ମହାପାତ୍ର, ପୂର୍ବତନ ଜିଲ୍ଲା ବିଜେପି ଯୁବ ସଭାପତି ଶ୍ୟାମସୁନ୍ଦର ପାଲଶର୍ମା ବିଜେଡ଼ିରେ ସାମିଲ୍ ହୋଇଛନ୍ତି ।ଏହି ମିଶ୍ରଣ ପର୍ବରେ ସାଂସଦ ମହେଶ ସାହୁ, ବିଜେଡ଼ି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନୁଗୁଳ ଜିଲ୍ଲା ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ଲୁଲୁ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

# ବେଳାଭୂମି ପ୍ରଦୂଷଣ ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରକାଶିତ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର ,(ପି.ଏନ): ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର ସୋମବାର ଦିନ ବୋର୍ଡ ପକ୍ଷରୁ ପ୍ରସ୍ତୁତ 'ଏ ପାଇଲଟ୍ ଷ୍ଟଡି ଅନ୍ ବିଚ୍ ଲିଟର ପଲ୍ୟୁସନ୍: ପାରାଦୀପ ୨୦୧୯-୨୦' ଶୀର୍ଷକ ପୁସ୍ତକ ଉନ୍ମୋଚନ କରିଛନ୍ତି । ପୁସ୍ତକ ଉନ୍ମୋଚନ ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଏହି ଉପକ୍ରମ ଭବିଷ୍ୟତରେ ଆମ ରାଜ୍ୟର ବିସ୍ତୀର୍ଣ୍ଣ ବେଳାଭୂମି ସବୁକୁ ପଲିଆରୋମାଟିକ୍ ହାଇଡ୍ରୋକାର୍ବନ୍, ହେଭି ମେଟାଲ୍, ମାଇକ୍ରୋପ୍ଲାଷ୍ଟିକ ଭଳି ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ସଂକ୍ରମିତ ହେବାରୁ ରକ୍ଷା କରିବାରେ ସହାୟକ ହେବ । ଏହି ପୁସ୍ତକକୁ ପ୍ରସ୍ତୁତ କରିଥିବା ସମସ୍ତ ଲେଖକଙ୍କୁ ଅଭିନନ୍ଦନ ଜଣାଇ ସମନ୍ୱିତ ବେଳାଭୂମି ପରିଚାଳନା କାର୍ଯ୍ୟକ୍ରମ ଜରିଆରେ ଏଭଳି ଆହୁରି ଅଧିକ ଉପାଦେୟ ପୁସ୍ତକ ପ୍ରକାଶନ ନିମନ୍ତେ ଏହା ମାର୍ଗଦର୍ଶନ ଦେବ ବୋଲି ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି । ଡ. କେ. ମୁରୁଗେସନ୍, ଏନ୍. ମଲ୍ଲିକ୍, ଡ. ଏସ୍.ଏସ୍. ପତି, ଡ. ଏସ୍.ଡି. ଶର୍ମା, ବି.ଏସ୍. ପଣ୍ଡା, ଡ. ଏସ୍. ମିଶ୍ର, ଡ. ଏସ୍. ନାୟକ, ଇଂ. ବି. ଷଡଙ୍ଗୀ ଏବଂ ଏସ୍.କେ. ମହାନ୍ତି ଓଡ଼ିଶା ଉପକୂଳସ୍ଥ ପାରାଦୀପ ପରି ଶିଳ୍ପ ସମୃଦ୍ଧ ସହରର ବେଳାଭୂମି ପ୍ରଦୁଷଣ ଉପରେ ରାଜ୍ୟ ତଥା ଦେଶରେ ପ୍ରଥମ ଥର ପାଇଁ ପ୍ରକାଶିତ ଏହି ପୁସ୍ତକରେ ପ୍ରଦୂଷଣର ସମ୍ଭାବ୍ୟ ପ୍ରଭାବ ଓ ଏହାର ପରିଚାଳନା ଉପରେ ଗବେଷଣାଲବ୍ଧ ତଥ୍ୟ ଉପସ୍ଥାପନ କରିଛନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୩ ମସିହାରୁ ଏହାର ବେଳାଭୂମି ପରିଚାଳନା କେନ୍ଦ୍ର (ସିଏମ୍ସି) ଜରିଆରେ ସମନ୍ୱିତ ବେଳାଭୂମି ପରିଚାଳନା କାର୍ଯ୍ୟକ୍ରମ ଜାରି ରଖିଛି ଏବଂ ଏ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛି ।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା । ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ । ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ । ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ । ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା । ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା । ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ । ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ । କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ ।

## ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ନଗରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ମାଲ୍ୟାର୍ପଣ ସଭାରେ ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସଂସ୍କୃତି ବିଭାଗର ଅନୁ-ଶାସନ ସଚିବ ଲକ୍ଷ୍ମୀଧର ବେହେରା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧିଙ୍କୁ ବୀର ସୁରେନ୍ଦ୍ର ସାଏ ସମ୍ମାନରେ ସମ୍ମାନୀତ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନାଗରିକ କମିଟିର ସାଧାରଣ ସମ୍ପାଦକ ଇଂ ସୁରେଶ ଚନ୍ଦ୍ର କର ଓ ଇଂ ନଳିନୀ ମହାନ୍ତି, ଦୁର୍ଗାପୂଜା କମିଟିର ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ଓ ରୂଷୀ ପଟ୍ଟନାୟକ ପ୍ରମୁଖ ବରପୁତ୍ରଙ୍କ ଗୁଣଗାନ କରିଥିଲେ ।

## ପିସିସି ଅନୁସୂଚୀତ ଜାତି ବିଭାଗର ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,(ପି.ଏନ): ନିଖିଳ ଭାରତ କଂଗ୍ରେସ କମିଟି ଅନୁସୂଚୀତ ଜାତି ବିଭାଗ କାର୍ଯ୍ୟକାରିଣୀରେ ବୈଠକରେ ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ ପାଇଁ ଆଜି ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ବୈଠକରେ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅଖିଳ ଭାରତ କଂଗ୍ରେସ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗର ସଂଯୋଜକ କେ ରାଜୁଙ୍କ ନିର୍ଦ୍ଦେଶକ୍ରମେ ୪ ଗୋଟି ବିଭାଗ ସମନ୍ୱୟ ରକ୍ଷାକରି ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ଆଜି ଏକ ବୈଠକରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ପିସିସି ପଛୁଆବର୍ଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରା ଓ ସଂଖ୍ୟା ଲଘୁ ବିଭାଗର ଅଧ୍ୟକ୍ଷ ଜିଆ ଉଲ ହକ ବୈଠକରେ ଯୋଗଦେଇ ସାଂଗଠନିକ ସଂପର୍କରେ ଆଲୋଚନା କରିଥିଲେ । ଅନୁସୂଚୀତ ଜାତି ବିଭାଗ ପକ୍ଷରୁ ଡିଜିଟାଲ ସଭ୍ୟ ପାଇଁ ପ୍ରତ୍ୟେକ ୪୦ ଗୋଟି ବୁଥରେ ଜଣିଏ ଲେଖାଏ ଚିଫ୍ ଏନରୋଲର ପ୍ରତ୍ୟେକ ବୁଥ ସ୍ତରରେ ଜଣେ ପୁରୁଷ ଓ ଜଣେ ମହିଳା ଏନରୋଲର ନିଯୁକ୍ତି ପାଇଁ ନିଷ୍ପତି ନିଆଯାଇଛି । ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରତ୍ୟେକ ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ କାର୍ଯ୍ୟ ସମାପ୍ତ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଅଛି । ଉକ୍ତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଏଆଇସିସି ସଂପାଦକ ଜି. ରୁଦ୍ର ରାଜୁ ଯୋଗଦେଇ ଚାରିଗୋଟି ବିଭାଗ ପରସ୍ପର ମଧ୍ୟରେ ସଂପର୍କ ରକ୍ଷାକରି ତୃଣମୂଳସ୍ତରରେ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ଦିନରେ ଡିଜିଟାଲ ସଭ୍ୟ ସଂଗ୍ରହ ମାଧ୍ୟମରେ କିପରି ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇ ପାରିବ ସେଥିପ୍ରତି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲେ ।

## ରାଷ୍ଟ୍ରର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ଜରୁରୀ : ବିଶେଷଜ୍ଞ

ଭୁବନେଶ୍ୱର ,(ପି.ଏନ): ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ବିକାଶ ବିନା ଦେଶର ବିକାଶ ସମ୍ଭବ ନୁହେଁ । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ''ବିଜ୍ଞାନ ଓ ଜାତୀୟ ବିକାଶ'' ଉପରେ ଆୟୋଜିତ ଏକ ୱେବିନାରରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞମାନେ ଏହି ମତବ୍ୟକ୍ତ କରିଛନ୍ତି ।ଏହି ୱେବିନାରରେ ଅଂଶଗ୍ରହଣ କରି, ପିଆଇବି କୋଲକାତା ମହାନିର୍ଦ୍ଦେଶକ ଭୂପେନ୍ଦ୍ର କଇଁଥୋଲା କହିଥିଲେ ଯେ, ବୈଜ୍ଞାନିକ ପ୍ରତିଭା କେବଳ ସହରଗୁଡ଼ିକ ମଧ୍ୟରେ ସୀମିତ ନାହାନ୍ତି, ଗାଁରେ ମଧ୍ୟ ରହିଛନ୍ତି । ଗାଁ ଗହଳିର ଛାତ୍ରଛାତ୍ରୀମାନେ ବୁଝି ପାରୁଥିବା ଭାଷା, ବିଶେଷ କରି ସେମାନଙ୍କର ମାତୃଭାଷାରେ ବିଜ୍ଞାନ ଶିକ୍ଷାର ପ୍ରସାର କରିବା ଦିଗରେ ପ୍ରୟାସ କରାଯିବା ଆବଶ୍ୟକ ବୋଲି ଶ୍ରୀ କଇଁଥୋଲା କହିଥିଲେ । ଭୁବନେଶ୍ୱର ଆରଓବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ, ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ଜରୁରି । ସେ କହିଥିଲେ, ''ବିଜ୍ଞାନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ, କୃଷିରେ ସୁଧାର ଆଣେ ତଥା ସ୍ୱାସ୍ଥ୍ୟ ଓ ସମ୍ପତି ପ୍ରୋତ୍ସାହିତ କରିଥାଏ । ସଙ୍କଟ ସମୟରେ, କେବଳ ପ୍ରଯୁକ୍ତିର ଉପଯୋଗ କରାଯାଇ ସହଜରେ ସୂଚନା ପ୍ରସାର କରାଯାଇ ପାରିଥିଲା ।ବିଜ୍ଞାନ ଓ ପ୍ରଯୁକ୍ତି ସହାୟତାରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କିଭଳି ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛି ସେ ସମ୍ପର୍କରେ ଆଇସିଏଆର ପ୍ରମୁଖ ବୈଜ୍ଞାନିକ ଡକ୍ଟର ପ୍ରମୋଦ ପଣ୍ଡା ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଭାରତ ଯେତେବେଳେ ସ୍ୱାଧୀନ ହେଲା, ପାଶ୍ଚାତ୍ୟ ଜଗତର ଲୋକମାନେ ଭାବୁଥିଲେ ଭାରତ ହୁଏତ' ଖାଦ୍ୟ ଉତ୍ପାଦନ କରିବାକୁ ସକ୍ଷମ ହେବ ନାହିଁ ଏବଂ ଲୋକମାନେ ଭୋକଉପାସରେ ପ୍ରାଣ ହରାଇବେ, କିନ୍ତୁ ସମୟ ବିତିବା ସହିତ କେବଳ ବିଜ୍ଞାନ ଓ ପ୍ରଯୁକ୍ତିର ହସ୍ତକ୍ଷେପ କାରଣରୁ ପରିସ୍ଥିତିରେ ବିଶେଷ ପରିବର୍ତନ ଆସିପାରିଲା ।ପୁନର୍ବାସରେ ବିଜ୍ଞାନ ଓ ପ୍ରଯୁକ୍ତିର ହସ୍ତକ୍ଷେପ ସମ୍ପର୍କରେ ଏସଭିନିର୍ତାର, କଟକର ଆସୋସିଏଟ୍ ପ୍ରଫେସର ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ପତିତପାବନ ମହାନ୍ତି ଆଲୋକପାତ କରିଥିଲେ । ପୁନର୍ବାସ ଚିକିତ୍ସା କ୍ଷେତ୍ରରେ ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଂଟେଲିଜେନ୍ସ କିଭଳି ଯୁଗାନ୍ତକାରୀ ପରିବର୍ତନ ଆଣିପାରିଛି ତାହା ଉପରେ ସେ ଆଲୋକପାତ କରିଥିଲେ । ସେ ଆହୁରି କହିଥିଲେ ଯେ ଶିଶୁ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରଯୁକ୍ତିଗତ ହସ୍ତକ୍ଷେପ ଏକ ବରଦାନ ସାବ୍ୟସ୍ତ ହୋଇଛି ।ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କ ସହିତ ମନ୍ତ୍ରଣାଳୟର ଅଧିକାରୀମାନେ ଏହି ୱେବିନାରରେ ଅଂଶଗ୍ରହଣ କରିଥିଲେ ।

## ଗ୍ୟାସ୍ ଟାଙ୍କି ଫାଟି ଯୁବକ ଗୁରୁତର

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ସିଆରପି ଛକ ନିକଟ ନୀଳକଣ୍ଠ ନଗରରେ ଗ୍ୟାସ୍ ଟାଙ୍କି ଫାଟିରୁ ଅଗ୍ନିକାଣ୍ଡ ଘଟିଛି । ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ମେଡିକାଲରେ ଭର୍ତି କରାଯାଇଛି ।ଖବର ଅନୁଯାୟୀ, ସୋମବାର ଦିନ ସିଆରପି ଛକ ନିକଟରେ ଥିବା ନୀଳକଣ୍ଠ ନଗରର ଗ୍ୟାସ୍ ଟାଙ୍କି ଫାଟିଯାଇଥିଲା । ଯାହାର ଖବର ତୁରନ୍ତ ଅଗ୍ନିଶମ ବାହିନୀକୁ ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲା ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




## କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନ ତ୍ୱରାନ୍ୱିତ କରିବାପାଇଁ ପ୍ରଦେଶ ନିର୍ବାଚନ ଅଧିକାରୀ ସାଂସଦ ଶ୍ରୀ ନିରଜ ଡାଙ୍ଗିଙ୍କ ତିନିଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ)- କଂଗ୍ରେସ ସଭ୍ୟସଂଗ୍ରହ ଅଭିଯାନ ଓ ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂପନ୍ନ କରିବାପାଇଁ ଏଆଇସିସି ଗୁରୁତ୍ୱ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା ନିମନ୍ତେ ଓଡ଼ିଶାରେ ସଭ୍ୟସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟସଭା ସାଂସଦ ଶ୍ରୀ ନିରଜ ଡାଙ୍ଗି ପ୍ରଦେଶ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପାଇଛନ୍ତି। ଶ୍ରୀ ଡାଙ୍ଗି ତା୦୨.୦୩.୨୦୨୨ରିଖ ବୁଧବାର ଦିନ ଭୁବନେଶ୍ୱରରେ ପହଞ୍ଚୁଛନ୍ତି। ୩ ତାରିଖ ଗୁରୁବାର ଦିବା ୧୧ ଘଂଟା ସମୟରେ ଭୁବନେଶ୍ୱରସ୍ଥ ନୀଳାଦ୍ରି ବିହାର, ନ୍ୟୁ କେୟାର ହସପିଟାଲ ପାଖ 'ଲୁମ୍ବିନୀ କନ୍‌ଭେନସନ୍' ଠାରେ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତା / ଏଆଇସିସି ସଭ୍ୟ / ପିସିସି ସଭ୍ୟ / ସାଂସଦ/ ବିଧାୟକ / ସାଂସଦ ଓ ବିଧାୟକ ପ୍ରାର୍ଥୀ / ଜିଲ୍ଲା କଂଗ୍ରେସ କମିଟି ସଭାପତି / ବ୍ଲକ ଓ ନଗର କଂଗ୍ରେସ କମିଟି ସଭାପତି / ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠ ମୁଖ୍ୟ / ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ / ଏଆଇସିସି ପଦାଧିକାରୀ / ପ୍ରାକ୍ତନ ମନ୍ତ୍ରୀ, ବିଧାୟକ ଓ ସାଂସଦ/ ପ୍ରାକ୍ତନ ପିସିସି ସଭାପତି ଓ ବିରୋଧି ଦଳ ନେତା ମାନଙ୍କର ବୈଠକରେ ଶ୍ରୀ ଡାଙ୍ଗି ଯୋଗଦେବେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ ଏବଂ ଅତିରିକ୍ତ ପ୍ରଦେଶ ନିର୍ବାଚନ ଅଧିକାରୀ ଶ୍ରୀ ସନ୍ଦିପ ସିଂ ଓ ଶ୍ରୀ ଅମିତାଭ ଚକ୍ରବର୍ତୀ ଉପସ୍ଥିତ ରହିବେ। ଏହି ବୈଠକରେ ସଭ୍ୟ ସଂଗ୍ରହ ଅଭିଯାନ ଏବଂ ସାଂଗଠନିକ ନିର୍ବାଚନ ସଂପର୍କରେ ପୂର୍ଣ୍ଣାଙ୍ଗ ଆଲୋଚନା କରାଯିବ ବୋଲି ପିସିସି ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି। ସେହିପରି ଭାବରେ ତା୪.୩.୨୦୨୨ ରିଖ ଶୁକ୍ରବାର ଦିବା ୧୧ ଘଂଟା ଠାରୁ ଅପରାହ୍ନ ୪ ଘଂଟା ପର୍ଯ୍ୟନ୍ତ ଭୁବନେଶ୍ୱର କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଶ୍ରୀ ଡାଙ୍ଗି ବରିଷ୍ଠ ନେତୃବୃନ୍ଦ ଓ କଂଗ୍ରେସ କର୍ମୀମାନଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଆବଶ୍ୟକ ମନେକଲେ ଉପରୋକ୍ତ ସମୟସୀମା ମଧ୍ୟରେ ଶ୍ରୀ ଡାଙ୍ଗିଙ୍କୁ ଭେଟି ଆଲୋଚନା କରିପାରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି। ଉଭୟ ବୈଠକରେ ଯୋଗଦେବାକୁ ଉପରୋକ୍ତ ବର୍ଗର ନେତୃବୃନ୍ଦଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଯେଉଁମାନେ ଅବଗତ ହୋଇପାରି ନଥିବେ, ସେମାନେ ଏହାକୁ ପତ୍ର ମନେକରି ନିର୍ଦ୍ଧାରିତ ସମୟରେ ବୈଠକରେ ଯୋଗଦେବାକୁ ପିସିସି ପକ୍ଷରୁ ଅନୁରୋଧ କରାଯାଇଛି।

## କେନ୍ଦ୍ରାପଡାରେ ପୁଲଓ୍ୱାମା ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): ସାମାଜିକ ଅନୁଷ୍ଠାନ 'ଜୟ ରାଷ୍ଟ୍ର' ପକ୍ଷରୁ ପୁଲଓ୍ୱାମା ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏହି ଉପଲକ୍ଷେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ସହୀଦମାନଙ୍କ ।ମର ଆତ୍ମାର ସଦଗତି କାମନା କରାଯାଇଥିଲା। ପୁଲଓ୍ୱାମା ସହୀଦଙ୍କ ବଳିଦାନ ଆଗାମୀ ଯୁବ ପିଢୀକୁ ରାଷ୍ଟ୍ରବାଦରେ ଅନୁପ୍ରାଣିତ କରିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ମାତୃଦତ୍ତ ମହାନ୍ତି, ବୀରେନ୍ଦ୍ର ଦାସ, ମଳୟ ସାହୁ, ରଶ୍ମୀରଞ୍ଜନ ସ୍ୱାଇଁ, ନିରଞ୍ଜନ ପରିଡା ପ୍ରମୁଖ ସାମ୍ବାଦିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କଳାପାହାଡ଼ ଭୂମିକାରେ ଅଭିନେତା ଚନ୍ଦନ

ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ସମୟରେ ଓଡ଼ିଆ ଚଳଚ୍ଚିତ୍ର ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ଓ ଅନେକ ସିନେମା ହଲଗୁଡ଼ିକ ବନ୍ଦ ହେବାକୁ ଲାଗିଲାଣି। ଚଳଚ୍ଚିତ୍ର ଜଗତକୁ ପୂର୍ବଭଳି ଉଜ୍ଜିବୀତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଅଭିନେତା ଚନ୍ଦନ କର। ଚିରାଚରିତ ଲଭ, ରୋମାଞ୍ଚ ଭଳି ସିନେମାଠୁ ଦୂରେଇ ଓଡ଼ିଶାର ସଂସ୍କୃତି ଓ ଇତିହାସକୁ ନେଇ ଚଳଚ୍ଚିତ୍ର କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। କିଛିଦିନ ପୂର୍ବରୁ ଓଡ଼ିଶାର ପ୍ରଥମ ସହିଦ ଜୟୀ ରାଜଗୁରୁଙ୍କ ଜୀବନକାହାଣୀକୁ ନେଇ ମହର୍ଷି ଶୀର୍ଷକ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଯାହା ମୁକ୍ତିଲାଭ ଅପେକ୍ଷାରେ ଅଛି ଓ ଏହା ଜନମାନସରେ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଆସ୍ଥାପ୍ରକଟ କରିବ ବୋଲି ଆଶା କରାଯାଉଛି। ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଇତିହାସ ସୃଷ୍ଟି କଲାଭଳି ଚଳଚ୍ଚିତ୍ର 'କଳାପାହାଡ଼' ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରରେ ଅଭିନେତା ଚନ୍ଦନ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳବେ। ଯାହାର ପୋଷ୍ଟର ଓ ମୋସନ ପିକଚ୍‌ର ଭୁବନେଶ୍ୱରସ୍ଥିତ ଗୀତଗୋବନ୍ଦ ସଦନରେ ଲୋକାର୍ପିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ଅଭିନେତ୍ରୀ ପ୍ରତିଭା ପଣ୍ଡା, ବରିଷ୍ଠ ସ୍ତମ୍ଭକାର ଅମିୟ ପାଣ୍ଡବ ଓ ବିଜୁ ଛାତ୍ର ଜନତା ଦଳ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସଭାପତି ଶକ୍ତି ପ୍ରକାଶ ପତି ପ୍ରମୁଖ ଯୋଗଦେଇ ଅଭିନେତା ଚନ୍ଦନ କରଙ୍କ ଏହି ନୂତନ ପ୍ରୟାସକୁ ପ୍ରଶଂସା କରିଥିଲେ।

## ଆଦିବାସୀପଲ୍ଲୀରେ ମାଟି ମାଆର ପୂଜା



ଭୁବନେଶ୍ୱର (ପିଏନ୍) : ମାଟି ହେଉଛି ମାଆ। ତା'ରି କୋଳରେ ଜୀବଜଗତ ଜନ୍ମଲାଭ କରେ। ଆଉ ତାରି କୋଳରେ ମୃତ୍ୟୁବରଣ କରିଥାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନିଜ କୋଳରେ ଜୀବଜଗତ ଧରି ରଖିବା ସହିତ ତାର ନାନାବିଧ ଆବଶ୍ୟକତା ପୂରଣ କରିଥାଏ। ସେ ମଣିଷ ହୁଅନ୍ତୁ କିମ୍ବା ପଶୁପକ୍ଷୀ କିମ୍ବା ବୃକ୍ଷଲତା ସମସ୍ତେ ମୃତ୍ତିକାରୁ ହିଁ ନିଜର ଖାଦ୍ୟ ଓ ପାନୀୟ ସଂଗ୍ରହ କରିଥାନ୍ତି। ସୁତରାଂ ଜୀବଜଗତ ବଞ୍ଚି ରହିବାର ଏକମାତ୍ର ମାଧ୍ୟମ ହେଉଛି ମାଟି। ମାଟି ମାଆ ନମସ୍ତୁତେ। ମାଟିର ସୁରକ୍ଷା ନିତାନ୍ତ ଜରୁରୀ ବୋଲି ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବନବାସୀଙ୍କୁ ସଚେତନ କରାଇଛନ୍ତି ଓଡ଼ିଶାର ଜଣାଶୁଣା ସୁପ୍ରତିଷ୍ଠିତ ପରିବେଶବିତ୍ ଗଛସାର୍। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜନସଚେତନତା କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଧିବିଧାନ ପୂର୍ବକ ମାଟି ମାଆର ପୂଜା ସହ ବୃକ୍ଷପୂଜନ କରାଯାଇଥିଲା। ଜଙ୍ଗଲ ବଞ୍ଚିଲେ ସଭିଏଁ ବଞ୍ଚିବା ଅର୍ଥାତ୍ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ଆମ୍ଭମାନଙ୍କର ଗୁରୁଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ବୋଲି ବିଭିନ୍ନ ପୋଷ୍ଟର ମାଧ୍ୟମରେ ବନବାସୀଙ୍କୁ ଗଛସାର୍ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ଅଙ୍କିତ କୁମାର ପଟ୍ଟନାୟକ, ମନୋଜ ପ୍ରଧାନ, ଦୀପକ କୁମାର ଚୌଧୁରୀ, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ କଲେଜ ଏନ୍‌ସିସି ଆଲୁମିନି ଆସୋସିଏସନର ବନ୍ଧୁ ମିଳନ

ପାରାଦୀପ (ପିଏନ୍)-ସମସ୍ତ ଏନ୍‌ସିସି(ନାଭାଲ) ପୂରାତନ ଛାତ୍ରଛାତ୍ରୀ(ଆଲୁମିନି)ଙ୍କୁ ଏକାଠି କରିବା ଏବଂ ସେମାନଙ୍କୁ ଜାତୀୟ ଏନ୍‌ସିସି ଆଲୁମିନି ଆସୋସିଏସନରେ ପଂଜିକୃତ କରିବା ଉଦ୍ଦେଶ୍ୟରେ ପାରାଦୀପ କଲେଜ ଏନ୍‌ସିସି ଆଲୁମିନି ଆସୋସିଏସନ ପକ୍ଷରୁ ପାରାଦୀପର ଗଲ୍ଫ ପଡିଆଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କଟକ ଏନ୍‌ସିସି କମାଣ୍ଡର କଲୋନେଲ୍ ରଜନୀଶ କାପୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ସମସ୍ତ ପୂରାତନ ଓ ବର୍ତ୍ତମାନର ଏନ୍‌ସିସି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ଭିତରେ ଭାବର ବିନିମୟ କରି ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ତଟରକ୍ଷୀ ବାହିନୀ ପାରାଦୀପର କମାଣ୍ଡାଣ୍ଟ ସଂ୍ତୋଷ ବି.ନାୟାର, କଟକ ନାଭାଲ ୟୁନିଟ୍ କମାଣ୍ଡିଂ ଅଫିସର କ୍ୟାପଟେନ୍ ହିମାଂଶୁ ପୃଷ୍ଟି, ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋନ୍ଧି, ପାରାଦୀପ କଲେଜ ଅଧକ୍ଷା ସସ୍ମିତା ଶତପଥି ପ୍ରମୁଖ ଅତିଥି ଏବଂ କୋଷ୍ଟଗାର୍ଡ ଓ ଏନ୍‌ସିସିର ଅନ୍ୟ ଅଧିକାରୀ ମାନେ ନିମନ୍ତ୍ରିତ ଅତିଥବ ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପାରାଦୀପ କଲେଜର ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ପରିଚାଳନା କରିଥାଲ।

## ପାଂଚନମ୍ବର ଜୋନର ୮ଟି ପଞ୍ଚାୟତରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକର ୫ନମ୍ବର ଜୋନରେ ଇନ୍ଦୁପୁର, ଧୂମାତ, ଘାଘରା, ଚାରିଗାଁ, ନିକିରାଇ, ଢୋଲ, କୁତୁରଙ୍ଗ, କୋରୋ ପ୍ରଭୃତି ୮ଟି ପଞ୍ଚାୟତ ରହିଛି। କେନ୍ଦ୍ରାପଡା କଲେଜରେ ପ୍ରଥମ ପର୍ଯ୍ୟାୟରେ ଏହି ଜୋନର ଭୋଟ ଗଣନା ଶନିବାର ଅନୁଷ୍ଠିତ ହୋଇ ରବିବାର ସକାଳେ ଫଳାଫଳ ପ୍ରକାଶ ପାଇଛି। କେନ୍ଦ୍ରାପଡା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାଇ ଇନ୍ଦୁପୁର ପଞ୍ଚାୟତରେ ସରପଞ୍ଚ ଭାବେ ପ୍ରଦିପ୍ତରଞ୍ଜନ ସୂତାର ୯୫୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଫୁଲ୍ଲ କୁମାର ଦାସଙ୍କଠାରୁ ୨୬୩ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଧୂମାତ ପଞ୍ଚାୟତରେ ସରପଞ୍ଚ ଭାବେ ମଞ୍ଜୁଲତା ସେଠୀ ୧୧୪୯ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅନ୍ନପୂର୍ଣ୍ଣା ମଲିକଙ୍କ ଠାରୁ ୩ଶହ ଭୋଟ ଅଧିକ ପାଇଛନ୍ତି। ଘାଘରା ପଞ୍ଚାତରେ ସରପଞ୍ଚ ଭାବେ ପ୍ରିୟଦର୍ଶନୀ ବିଶ୍ୱାଳ ୧୧୯୬ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଶକୁନ୍ତଳା ମଲିକଙ୍କ ଠାରୁ ୫୧୩ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଚାରିଗାଁ ପଞ୍ଚାୟତର ସରପଞ୍ଚ ଭାବେ ଭାରତୀ ମଲିକ ୧୦୭୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଶ୍ମିତା ଥାଟୋଇଙ୍କ ଠାରୁ ୩୨୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ନିକିରାଇ ପଞ୍ଚାୟତର ସରପଞ୍ଚ ଭାବେ ଅପର୍ଣ୍ଣା ଉଡାନସିଂ ୨୮୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ହେମଲତା ମଲିକଙ୍କ ଠାରୁ ୧୬୨୧ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଢୋଲ ପଞ୍ଚାୟତର ସରପଞ୍ଚ ଭାବେ ପ୍ରଫୁଲ୍ଲ ମଲିକ ୧୦୯୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋରଞ୍ଜନ ଜେନାଙ୍କ ଠାରୁ ୨୯୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୁତୁରଙ୍ଗ ପଞ୍ଚାୟତର ସରପଞ୍ଚ ଭାବେ ଚିତରଞ୍ଜନ ଜେନା ୬୮୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନରୋତ୍ତମ ମଲିକଙ୍କ ଠାରୁ ୨୧୮ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୋରୋ ପଞ୍ଚାୟତର ସରପଞ୍ଚ ଭାବେ ଦୀପାଞ୍ଜଳୀ ଜେନା ୧୮୪୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନନ୍ଦିନୀ ପ୍ରଭା ପାତ୍ରଙ୍କ ଠାରୁ ୪୩୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ସେହିପରି ଘାଘରା ପଞ୍ଚାତରେ ସମିତିସଭ୍ୟ ଭାବେ କୁଞ୍ଜ ବିହାରୀ ସ୍ୱାଇଁ ୮୭୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଶ୍ୱନାଥ ପରିଡାଙ୍କ ଠାରୁ ୧୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଚାରିଗାଁ ପଞ୍ଚାୟତର ସମିତିସଭ୍ୟ ଭାବେ ମମତା ରାଉତ ୭୦୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମଞ୍ଜୁଲତା ମଲିକଙ୍କ ଠାରୁ ୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ନିକିରାଇ ପଞ୍ଚାୟତର ସମିତିସଭ୍ୟ ଭାବେ ପ୍ରିୟମ୍ବଦା ଦାସ ୨୪୨୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭକ୍ତରଞ୍ଜନ ଜେନାଙ୍କ ଠାରୁ ୧୦୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଢୋଲ ପଞ୍ଚାୟତର ସମିତିସଭ୍ୟ ଭାବେ ଅକ୍ଷୟ କୁମାର ସାହୁ ୧୦୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କାର୍ତ୍ତିକ ଚନ୍ଦ୍ର ପଣ୍ଡାଙ୍କଠାରୁ ୨୫୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୁତୁରଙ୍ଗ ପଞ୍ଚାୟତର ସମିତିସଭ୍ୟ ଭାବେ ମିନତୀ ଦାସ ୪୭୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଶଶୀରେଖା ଜେନାଙ୍କ ଠାରୁ ଏକଶହ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୋରୋ ପଞ୍ଚାୟତର ସମିତିସଭ୍ୟ ଭାବେ ଜୀତେନ୍ଦ୍ର ରାଉତ୧୬୫୩ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଭୂତି ନାୟକଙ୍କ ଠାରୁ ୩୦୧ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଧୂମାତ ପଞ୍ଚାୟତର ସମିତିସଭ୍ୟ ଭାବେ ଦେବକୀ ମଲିକ ୧୨୦୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୁପ୍ରିୟା ମଲିକଙ୍କ ଠାରୁ ୩୦୮ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଇନ୍ଦୁପୁର ପଞ୍ଚାୟତର ସମିତିସଭ୍ୟ ଭାବେ ସୁନନ୍ଦା ମଲିକ ୧୭୦୩ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନରୋତ୍ତମ ମଲିକଙ୍କ ଠାରୁ ୧୧୪୭ଖଣ୍ଡ ଭୋଟ ଅଧିକ ଅଧିକ ପାଇଛନ୍ତି।

## 'ଭଏସ ଅଫ ବାଲେଶ୍ୱର'ର ରକ୍ତଦାନ ଶିବିର ଓ ସଂଗଠନର ନୂତନ କର୍ମକର୍ତ୍ତା ନିଯୁକ୍ତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ର ବାହନଗା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ସ୍ଥିତ ସିଗନେଚର କ୍ଲବ ପରିଷରରେ ଓ ସହଯୋଗୀତାରେ "ଭଏସ ଅଫ ବାଲେଶ୍ୱର" ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅମୁଲ୍ୟ ଉପହାର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ସମାଜ ସେବୀ ସଂଜୟ ପଣ୍ଡା ଉଦ୍‌ଘାଟନ କରିଥିଲେ। ସଂଗଠନର ସଭ୍ୟ ଙ୍କର ଶୁଭଙ୍କର ପଣ୍ଡା ଓ ବରିଷ୍ଠ ସଦସ୍ୟ ଉତ୍ତମ କୁମାର ଦାସଙ୍କ ପ୍ରତ୍ୟକ୍ଷତ ତତ୍ତ୍ୱାବଧାନରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଶିବିରରୁ ସର୍ବ ମୋଟ ୩୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସନ୍ତୋଶ ପଣ୍ଡା, ଜ୍ୟୋତିକାନ୍ତ ମାଝି, ଦୀପକ ମାଝୀ, ଅଚ୍ୟୁତ ତ୍ରୀପାଠୀ, ପ୍ରଦୀପ ମାଝୀ, ଦିଲ୍ଲୀପ ବେହେରା ସୋରଜ ବେହେରା, ଅନିରୁଦ୍ଧ ବିଶ୍ୱାଳ, ସୁଧୀରଞ୍ଜନ ପାଣୀଗ୍ରାହୀ, ସୌଭାଗ୍ୟ ମହାଳିକ, ଜଗଦିଶ ଦାସ, ରମେଶ ଜେନା ଶ୍ରୀନାଥ ପଣ୍ଡା, ଦୁଷ୍ମନ୍ତ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଏବଂ "ଭଏସ ଅଫ ବାଲେଶ୍ୱର" ସଂଗଠନର ଏକ ବୈଠକରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଅଛି। ବାଲେଶ୍ୱର ନଗରର ସଭାପତି ଭାବେ ଅଭିଜ୍ଞ ତଥା ଆଗଧାଡ଼ିର ଯୁବନେତା ଭାରତ ଭୂଷଣ ଦାସ (ଦିପୁ) ଜିଲ୍ଲା ପୂର୍ବତନ କାଉନସିଲର ଗୋପାଲ ଥାପ୍ପା, ବାଲେଶ୍ୱର ସହର ସଂଖ୍ୟା ଲଘୁ ବିଭାଗର ଯୁବ ସଭାପତି ଭାବେ ଏସ.କେ.ରାଜୁ (ଶୁଏଲପୁର) ଜିଲ୍ଲା ମୁଖ୍ୟ ପାତ୍ର ଭାବେ ମଙ୍ଗେସ ମୁର୍ଖାଜୀ ତାପସ ସାମଲ ଏବଂ ରେମୁଣା ଯୁବସାଖା ସଭାପତି ଭାବେ ଶ୍ୟାମସୁନ୍ଦର ବେହେରାଙ୍କୁ ନିଯୁକ୍ତି ଦିଆଯାଇଥିବାର ସୂଚନା ସଂଗଠନାର ପ୍ରତିଷ୍ଠତା ତଥା ସଭାପତି ଅରିଜିତ ଘୋଷାଲ ପ୍ରଦାନ କରିଛନ୍ତି।

## ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଏଚ୍‌ଏମ୍‌ଏସ୍ ପକ୍ଷରୁ ସ୍ମୃତିସଭା



ବ୍ରହ୍ମପୁର (ପିଏନ୍): ଭାରତର ଅଗ୍ରଣୀ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ତଥା ଏଚଏମଏସର ସାଧାରଣ ସମ୍ପାଦକ, ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଏକ ସ୍ମୃତିସଭା ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ବିଶ୍ୱନାଥ ପଣ୍ଡିତ ଭବନଠାରେ ଏଚଏମଏସ୍‌ର ରାଜ୍ୟ ଉପସଭାପତି ତଥା ମେଡିକାଲ କର୍ମଚାରୀ ସଂଘର ଉପଦେଷ୍ଟା ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ଶ୍ରୀ ରଥ ଯୋଗେନ୍ଦ୍ର ବାବୁଙ୍କ ଶ୍ରମିକଙ୍କ ପାଇଁ ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋକପାତ କରି ନିର୍ମାଣ ଶ୍ରମିକ, ମେହନ୍ତର, ମେଡିକାଲ ଓ ବିଡ଼ି ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଆଜୀବନ ସଂଗ୍ରାମ କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମେଡିକାଲ କର୍ମଚାରୀ ସଂଘର ଉପସଭାପତି ସୁକାନ୍ତ ମୁଖୀ, ରାଜ୍ୟ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଏମକେସିଜି ମେଡିକାଲ କଲେଜ ଶାଖାର ସମ୍ପାଦକ ରାଜୁ ଚିନ୍ନା, ଗଞ୍ଜାମ ଜିଲା ମେଡିକାଲ କର୍ମଚାରୀ ସଂଘ ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ମେଡିକାଲ କର୍ମଚାରୀ ସଂଘ ଉପଦେଷ୍ଟା ଲାଲୁ ମୋହନ ବେହେରା, ଏଚଏମ୍‌ଏସ୍‌ର ବ୍ରହ୍ମପୁର ଆବାହକ ତଥା ଦଳିତ ସଂଗଠନ ସଭାପତି ପଦ୍ମଚରଣ ନାୟକ, କେଶବ ନାୟକ, ସାମ୍ବାଦିକ ପବିତ୍ର କୁମାର ଚୌଧୁରୀଙ୍କ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ଶୋକସଭା



ଖୋର୍ଦ୍ଧା (ପିଏନ୍)– ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସରଙ୍କ ବିୟୋଗରେ ଏକ ସ୍ମୃତିସଭା ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀରାମନଗରସ୍ଥ କାର୍ଯ୍ୟାଳୟ ପରିସରରେ ସଂସଦର ସଭାପତି ସତ୍ୟବାଦୀ ବର୍ଲି ଅ।ରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ଅଧିବକ୍ତା ବ୍ରଜକିଶୋର ସାହୁ, ଶିକ୍ଷାବିତ୍ ଦୟାନିଧି ସାହୁ ଓ ବର୍ଷୀୟାନ କଳାକାର ଶଶୀଭୂଷଣ ମହାନ୍ତି ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଭାରତରତ୍ନ ଲତା ସଙ୍ଗୀତ କ୍ଷେତ୍ରରେ ସାରା ବିଶ୍ୱବାସୀଙ୍କ ହୃଦୟ ଜୟ କରିପାରିଥିଲେ ଓ ତାଙ୍କର ସଙ୍ଗୀତ 'ଏ ମେରେ ୱତନ କେ ଲୋଗୋଁ' ଏବେ ବି ପ୍ରତ୍ୟେକ ଭାରତୀୟଙ୍କ ମନରେ ଗୁଂଜରିତ ହେଉଛି। ସର୍ବଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ଦିଲ୍ଲୀପ କୁମାର କର, ଜ୍ୟୋତିରଞ୍ଜନ ସାହୁ, ଶୈଳବାଳା ପଶ୍ଚିମକବାଟ, ସ୍ମୃତିରଞ୍ଜନ ସାହୁ, ଅଙ୍କିତା ପରିଡ଼ା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଂସଦର ସଂପାଦିକା ଇତିଶ୍ରୀ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ବିଳାଶୁଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଫୁଲନଖରା, (ସବ୍ୟୁ)-ସଦର ଥାନା ଅନ୍ତର୍ଗତ ମହୀଧରପଡ଼ାଠାରେ ଥିବା ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରସ୍ଥ ମା' ବିଳାଶୁଣୀଙ୍କ ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଣ୍ଡିତ ଶତିଶକୁମାର ରଥଶର୍ମାଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ବ୍ୟାପୀ ଘୃତାହୁତି ମହାଯଜ୍ଞ ଆୟୋଜନ ହୋଇଥିଲା। ଏଥିରେ କର୍ତ୍ତାଭାବେ ବିଭୂତି ପଟ୍ଟନାୟକ ଓ ନମିତା ପଟ୍ଟନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ଣ୍ଣାହୁତି ସଂଧ୍ୟାରେ ଅରଡ଼ିଆପଦା, ଖଣ୍ଡାଗର, ମହୀଧରପଡ଼ା, ନଗରୀ ଆଦି ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ପ୍ରଶାନ୍ତକୁମାର ଦାଶ, ଶ୍ରୀନିବାସ ଦାଶ, ଅଶୋକକୁମାର ରଥ, ବାନାମ୍ବର ମୁଦୁଲି, ମନୋଜ ରଥ, ସାଗରଚାନ୍ଦ ଦାଶ, ରଜନୀକାନ୍ତ ପଶାୟତ, ଅଜୟକୁମାର ମହାପାତ୍ର ପ୍ରମୁଖ ମା'ବିଳାଶୁଣୀ ଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ବାର୍ଷିକ ଉତ୍ସବ ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଜୁବାବୁ ଓ ଓଡ଼ିଶା



ଅକ୍ଷୟ କୁମାର ରାଉତ

୧୯୧୬ ମସିହା ମାର୍ଚ୍ଚ ମାସର ପାଞ୍ଚ ତାରିଖର ଶୁଭବେଳାରେ ଜନ୍ମ ନେଇଥିଲେ ଓଡ଼ିଆ ମାଟିର କୃତି ସନ୍ତାନ ବିଜୟାନନ୍ଦ ପଟ୍ଟନାୟକ । କଟକ ସହରର ତୁଳସୀପୁରରେ ଥିବା ଆନନ୍ଦ ଭବନ ଆନନ୍ଦରେ ମୁଖରିତ ହୋଇ ଉଠିଲା । ଏହି କୁଆଁ କୁଆଁ ରାବରେ ପତ୍ରପତ୍ର ପ୍ରକୃତିରାଣୀ ନବପଲ୍ଲବିତ ହେଲା । ଆକାଶଟା ଭାରାକ୍ରାନ୍ତ ପରି ମନେହେଲା । ଜନମାନସରେ ଉଗିଗଲା ନୂଆ ଆଲୋକ, ନୂଆ ଭାବନା ଓ ନୂଆ ପୁଲକ । କିଏ ଜାଣେ ଏପରି ପରିବର୍ତ୍ତନର ରହସ୍ୟ କ'ଣ ? 'ତୁଳସୀ ଦୁଇପତ୍ରରୁ ବାସିଲା' ପରି ଏହି କୁଆଁ କୁଆଁ ରାବ ସ୍ପଷ୍ଟ ବାରି ଦେଉଥିଲା ଭବିଷ୍ୟତରେ ବଡ଼ମଣିଷ ହେବ ବୋଲି......

ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା, ବୀର ପ୍ରସବିନୀ ଚିର ମହିମାମଣ୍ଡିତ ଏ ଧରା କୋଳରେ ସେ ଶଶୀକଳା ପରି ବଢ଼ିବାକୁ ଲାଗିଲେ । ତାଙ୍କର ବାଲ୍ୟ ଜୀବନ ଠାରୁ ଅନ୍ତିମ ଜୀବନ ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ କେବଳ ଦୁଃସାହସ ଓ ନିର୍ଭୀକତା ଦେଖିବାକୁ ମିଳେ । ସେ ଥିଲେ ଅତ୍ୟନ୍ତ ବଳିଷ୍ଠ, ମେଧାବୀ ଉପସ୍ଥିତ ତଥା ବିଚକ୍ଷଣ ବୁଦ୍ଧି ସଂପନ୍ନ ଓ ସାହସିକ । ସେ ଯେ ଦିନେ ସମଗ୍ର ବିଶ୍ୱରେ ଏକ ଯୁଗାନ୍ତକାରୀ ଆଲୋଡ଼ନ ସୃଷ୍ଟି କରିବେ ତାହା ତାଙ୍କ ଛାତ୍ର ଜୀବନରୁ ଜଣାପଡ଼ୁଥିଲା । ସେ ଥିଲେ ଅନୁସନ୍ଧିତ୍ସୁ । ସର୍ତ୍ତକ ଏବଂ ସତ୍‌ବୁଦ୍ଧି ସଂପନ୍ନ । କୌଣସି ବିଷୟକୁ ସେ ଖୁବ୍ ଶୀଘ୍ର କାମ ମାଧମରେ ପ୍ରମାଣ କରି ଦେଖାଇ ଦେଉଥିଲେ । ତାଙ୍କ ଜୀବନ ଆକାଶରେ ପୂର୍ଣ୍ଣିମା ବି ବେଳେବେଳେ ଅମାବାସ୍ୟାର ରୂପ ନେଇଥିଲା । ଅନେକ ଘାତ ପ୍ରତିଘାତର ଶିକାର ହୋଇଥିଲେ ମଧ ଦୃଢ଼ ମନୋବଳ ପାଇଁ ସେ କେବେ ହତୋତ୍ସାହ ହୋଇନଥିଲେ । ଆମ ଓଡ଼ିଶାରେ ସେ ଥିଲେ ଏକ ତେଜସ୍ୱିଷ ଦୀପ୍ତିମାନ ଉଜ୍ଜ୍ୱଳ ତାରକା ।

ସେ ରେଭେନ୍ସା କଲେଜିଏଟ୍ ବିଦ୍ୟାଳୟରୁ ଫେରୁଥାନ୍ତି । ଆଗରେ ବାରବାଟୀ ଗଡ଼ । ଯେଉଁଠି ଦିନେ ଓଡ଼ିଆ ପୁଅର ବାରବାଦ୍ୟ ବାଜି ଉଠୁଥିଲା, ସେଠି ଆଜି ବିଦେଶୀଙ୍କ ରାଜତ୍ୱ । ବିଦେଶୀ ଫଉଜଙ୍କ ଏପରି ରାଜୁତି ସେ ତିଳେ ମାତ୍ର ସହ୍ୟ କରିପାରିଲେନାହିଁ । ଦେଶପ୍ରେମରେ ଉଦ୍‌ବୁଦ୍ଧ ପ୍ରାଣ ତାଙ୍କର ଚହଲି ଗଲା । ତାଙ୍କ ଦେହର ବୀରରକ୍ତ ଟକମକ ହୋଇ ଉଠିଲା । ସେ ତାଙ୍କ ଉପରକୁ ଟେକାଟିଏ ଫିଙ୍ଗିଲେ । ଯାହାଫଳରେ ଗୋରା ସୈନିକମାନେ ତାଙ୍କୁ ଥାନାକୁ ନେଇଗଲେ । ବିଚାର ପରେ ଦଶ ପ୍ରହାର କରାଗଲା । ହସି ହସି ଏ ଦଣ୍ଡକୁ ଗ୍ରହଣ କଲେ । କାରଣ ତାଙ୍କ ବାପାଙ୍କର କେତୋଟି କଥା ମନରେ ତାଙ୍କର ପ୍ରତିଧ୍ୱନିତ ହେଉଥିଲା- 'ତୁ ପରା ଓଡ଼ିଆ ପୁଅ, ବୀର ରକ୍ତ ତୋ ଦେହରେ ପ୍ରବାହିତ, ସାମାନ୍ୟ ଆଘାତରେ ଡରିଯିବା ଉଚିତ ନୁହେଁ ।' କଳିଙ୍ଗ ସନ୍ତାନ, ପ୍ରତିଭା ମାନ ବୀର ବିଜୁବାବୁଙ୍କ ଚିନ୍ତା ଓ ଚେତନାରେ ବୀରତ୍ୱ ବସା ବାନ୍ଧିଥିଲା ।

୧୯୨୭ ମସିହାର କଥା । ୧୧ ବର୍ଷର ସେ, ପଢ଼ୁଥାନ୍ତି ହାଇସ୍କୁଲରେ । ସେ ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ ଜୋର୍ ଚାଲିଥାଏ । ମହାତ୍ମାଗାନ୍ଧୀ ଓଡ଼ିଶା ଆସିଲେ । ସ୍ୱରାଜ୍ୟ ଆଶ୍ରମରେ ସଭା ହେବ । ସମଗ୍ର ଓଡ଼ିଶାବାସୀ ଧାଇଁଲେ ବାପୁଜୀଙ୍କୁ ଦେଖିବାପାଇଁ । ବିଜୁବାବୁ ବାପୁଜୀଙ୍କୁ ପାଖରୁ ଦେଖିବେ । ତାଙ୍କର ମହତ୍ୱବାଣୀ ଶୁଣିବେ ବୋଲି ଛୁଟି ଯାଇଥିଲେ । ସେ ଆଗେଇଯାଇ ଭିଡ଼ ଭିତରେ ପଶିଲେ । ପୋଲିସ୍ ଫଉଜ୍ ପଥ ଓଗାଳିଲେ । ସେ ତ ଡରିବାର ପିଲା ନୁହନ୍ତି । ସେ ତାଙ୍କ କଥା ନମାନି ଆଗକୁ ମାଡ଼ି ଚାଲିଲେ, କିନ୍ତୁ ପଛରୁ ଏସ୍.ପି. ସାହେବଙ୍କ ଲାଠିମାଡ଼ରେ ତାଙ୍କ ମୁଣ୍ଡରୁ ରକ୍ତ ଝରୁଥାଏ । ଏହି ମାଡ଼ର ପ୍ରତିଶୋଧ ନିଆଁ ତାଙ୍କ ହୃଦୟର ପ୍ରତି କୋଣ ଅନୁକୋଣରେ ଜଳି ଉଠିଲା । ସୁଯୋଗ ଆସିଲା, କଡ଼ା ଶଣ୍ଡାକରି ପ୍ରତିଶୋଧ ନେଲେ । ଏମିତି ମାଡ଼ ଦେଲେ ଯେ ଏସ୍.ପି.ଙ୍କ ଗୋଡ଼ ଭାଙ୍ଗିଗଲା ଓ କଟକରେ ଚିକିତ୍ସିତ ନହୋଇପାରି ତାଙ୍କ ଦେଶ ଇଂଲଣ୍ଡକୁ ପଳାଇଗଲେ । ଏହିପରି ଅନେକ ଦୁଃସାହସିକ କାର୍ଯ୍ୟ ତାଙ୍କ ଜୀବନରେ ଦେଖାଇ ଯାଇଥିଲେ । ୧୯୩୨ ମସିହା ମଇ ମାସ ୧ ତାରିଖରେ ସାଇକେଲରେ ସେ କଟକରୁ ପେଶୱାର ଯାତ୍ରା, ପାଖରେ କିଛି ଅସ୍ତ୍ର ନଥାଇ ବାଘ ହତ୍ୟାରୁ ମୁକ୍ତି, ସାମାନ୍ୟ ଛଟାଟିଏ ପାଇଁ ଝଡ଼ ତୋଫାନରେ ଦୁଇକୂଳ ଖାଇ ଭୟଙ୍କର ଗର୍ଜନ କରୁଥିବା କାଠଯୋଡ଼ି ପାରି ହେବା ଇତ୍ୟାଦି । ପିତା ଲକ୍ଷ୍ମୀନାରାୟଣ ଓ ମାତା ଆଶା ଦେବୀଙ୍କର ଅନେକ ସ୍ୱପ୍ନ ଥିଲା । ସେ ପିତା ମାତାଙ୍କର ସବୁ ସ୍ୱପ୍ନ ବାସ୍ତବରେ ରୂପାୟନ କରିଥିଲେ । ମା' ଆଶା ଦେବୀଙ୍କର ଆଶା ଥିଲା ପୁଅ ମୋର ଆକାଶରେ ଉଡ଼ିବ । ସାହସୀ ଯୁବକ ନହେଲେ କିଏ ବା ନୀଳ ଆକାଶରେ ଉଡ଼ିବାକୁ ଇଚ୍ଛା କରିବ । ବିମାନ ଚାଳନା କ୍ଷେତ୍ରରେ ବହୁ ବିପଦର ସମ୍ମୁଖୀନ ହୋଇ ମଧ ସେ ଭାଙ୍ଗି ପଡ଼ିନଥିଲେ । ତାଙ୍କ ଜାହାଜ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଥିଲେ ମଧ ନିଜ ଜାତିର ମହତ୍ୱକୁ ତଳେ ନପକାଇ ବଜାୟ ରଖିଥିଲେ । ସବୁ ବିପଦରୁ ନିଜକୁ ରକ୍ଷାକରି ପୃଥିବୀର ଜଣେ ଦକ୍ଷ ବିମାନ ଚାଳକ ରୂପେ ସୁନାମ ଅର୍ଜନ କରିଛନ୍ତି । ଦିନେ ଆମ ସ୍ୱାଧୀନତା ସଂଗ୍ରାମ ମହାନରଥୀ ଜୟପ୍ରକାଶ ନାରାୟଣ ବିଜୁବାବୁଙ୍କୁ ସାକ୍ଷାତ କରି କହିଲେ- 'ବ୍ରିଟିଶ୍ ସରକାର ମୋତେ ଯେକୌଣସି ସମୟରେ ବନ୍ଦୀ କରିପାରେ । ଆପଣ ମୋତେ ବିମାନରେ ନେଇ ଯେକୌଣସି ଅଜଣା ସ୍ଥାନରେ ଛାଡ଼ିପାରିବେ ?' ବିଜୁବାବୁ ହସି ହସି କହିଲେ- 'ମାତୃଭୂମି ସେବାପାଇଁ ମୁଁ ଚାକିରି ଛାଡ଼ି ଦେଇପାରେ, କିନ୍ତୁ ମୁଁ ମାତୃଭୂମି ପାଇଁ ଏତିକି କାମ କ'ଣ କରିପାରିବି ନାହିଁ ?' ୧୯୪୨ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ଆନ୍ଦୋଳନ ତୀବ୍ର ରୂପ ଧାରଣ କଲା । ଭାରତବର୍ଷର ଚାରିଆଡ଼ୁ ଶୁଭିଲା 'ହେ ଇଂରେଜ ସରକାର, ଭାରତ ଛାଡ଼' । ଏ ଥିଲା ମାତୃଭୂମିର ଡାକ । ଏ ଡାକ ଓଡ଼ିଆ ପୁଅ ବିଜୁବାବୁଙ୍କୁ ବିଚଳିତ କରିଦେଲା । ସଂଗ୍ରାମୀ ରକ୍ତ ପ୍ରଭାବିତ ଦେହ ତାଙ୍କର ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ପ୍ରସ୍ତୁତ ହୋଇଗଲା । ତାଙ୍କ ମନରେ ଏକ ପ୍ରଶ୍ନବାଚୀ, ଦେଶ ଯଦି ପରାଧିନ ଚାକିରୀ କରି ଲାଭ କ'ଣ ? ଇଂରେଜ ମାନଙ୍କ କବଳରୁ ସଂଗ୍ରାମୀ ମାନଙ୍କୁ ରକ୍ଷା କରିବା ପାଇଁ ବିମାନରେ ନେଇ ନିରାପଦ ସ୍ଥାନରେ ଛାଡ଼ିଦେଇ ଆସୁଥିଲେ । ତାଙ୍କ ବିମାନରେ ଛଦ୍ମବେଶରେ ଜୟପ୍ରକାଶ, ମହାନ ସଂଗ୍ରାମୀ ଅରୁଣ ଆସଫ୍ ଅଲ୍ଲୀ, ଅଶୋକ ମେହେଟ୍ଟା, ରାମ ମନୋହର ଲୋହିଆ, ଅଚ୍ୟୁତ ପଟବର୍ଦ୍ଧନ ଇତ୍ୟାଦି ଯାଇ ନିରାପଦ ସ୍ଥାନରେ ଆଶ୍ରୟ ନେଇଥିଲେ । କିନ୍ତୁ ହିଂସ୍ର ବ୍ରିଟିଶ୍ ସରକାର ବିଜୁଙ୍କୁ ସନ୍ଦେହ କରି ୧୯୪୩ ମସିହା ଜାନୁଆରୀ ୧୩ ତାରିଖରେ ଗିରଫ୍ କଲେ । ତାଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆରମ୍ଭ ହେଲା । ଲାଠି ପ୍ରହାରରେ ଦେହ ସାରା ରକ୍ତାକ୍ତ ହୋଇଗଲା । ମୁଣ୍ଡ ଫାଟିଗଲା । ତଥାପି ତାଙ୍କ ଆଖିରେ ଲୁହ ନଥାଏ । ହସି ହସି ମାତୃଭୂମି ପାଇଁ ଏ ଦଣ୍ଡ ସହିଗଲେ । ସେଦିନ ତାଙ୍କ ଉପରେ ପୋଲିସ୍‌ର ଏ ଅତ୍ୟାଚାର ଯେଉଁମାନେ ଦେଖିଛନ୍ତି, ଜଣେ ଓଡ଼ିଆ ପୁଅର ସାହସ ଓ ଧୈର୍ଯ୍ୟ ଦେଖି ଚକିତ ହୋଇଛନ୍ତି । ପ୍ରଥମେ ତାଙ୍କୁ ଲାଲକିଲ୍ଲା ଜେଲ୍‌ରେ ରଖାଗଲା । ପରେ ଦିଲ୍ଲୀ ଜେଲ୍‌ରେ ଓ ଶେଷରେ ୧୯୪୫ ମସିହାରେ କଟକ ଜେଲ୍‌ରୁ ଖଲାସ୍ ହେଲେ । ଜେଲ୍‌ରୁ ଖଲାସ ହୋଇ ବିଜୁବାବୁ କଟକ ଆନନ୍ଦ ଭବନରେ ଅବସ୍ଥାନ କଲେ । ଘରେ ନଜରବନ୍ଦୀରେ ଥାଆନ୍ତି । ସ୍ୱଦେଶ ପ୍ରେମୀ ଯୁବକ ବିଜୁ କିନ୍ତୁ ଘରେ ସ୍ଥିର ହୋଇ ବସି ପାରିଲେ ନାହିଁ । ଦରିଦ୍ର ଓଡ଼ିଶାର କଥା ଭାବିବାକୁ ଲାଗିଲେ । ଯେଉଁ ଜାତି ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ସେ ଆଜି ହୋଇଛି କ'ଣ ? ତା ଅଣ୍ଟାରେ ଆଜି ପଇସା ନାହିଁ । ପେଟରେ ଦାନା ନାହିଁ । ଓଡ଼ିଆ ମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ସେ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାକୁ ସ୍ଥିର କଲେ । ସେ 'ବି ପଟ୍ଟନାୟକ ଏଣ୍ଡ କମ୍ପାନୀ' ନାମରେ ଗୋଟିଏ ବ୍ୟବସାୟ ପ୍ରତିଷ୍ଠାନ ଆରମ୍ଭ କଲେ । ପ୍ରଥମେ ଚୌଦ୍ୱାରରେ ଲୁଗାକଳ, କଳିଙ୍ଗ ଆଇରନ୍ ଏଣ୍ଡ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍, କଳିଙ୍ଗ ପାଇପ୍ କାରଖାନା, କଳିଙ୍ଗ ରେଫ୍ରିଜେସନ ଓ କଳିଙ୍ଗର ଏୟାର ଲାଇନ୍ ମଧ ପ୍ରତିଷ୍ଠା କଲେ । ସେ ଯାହା କରିଛନ୍ତି କଳିଙ୍ଗ ନାମରେ ନାମିତ କରିଛନ୍ତି । ନିଜର ମାତୃଭୂମି କଳିଙ୍ଗ ପ୍ରତି କେତେ ଗଭୀର ମମତା ଏଥିରୁ ବେଶ୍ ଜଣାପଡ଼େ ।

୧୯୪୭ରେ ଆମ ଦେଶ ସ୍ୱାଧୀନ ହେଲା । ସେହି ବର୍ଷ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ଖୁବ୍ ଜୋର୍‌ରେ ଚାଲିଥାଏ । ସୁଦର୍ଶନ ଯୁବକ କଳିଙ୍ଗର ସନ୍ତାନ ଓଡ଼ିଆ ପୁଅ ବିଜୁବାବୁ ଇଣ୍ଡୋନେସିଆର ସ୍ୱାଧୀନତା ଆଣି ଦେବି ବୋଲି ମନରେ ସାହସ ବାନ୍ଧିଲେ । ପଣ୍ଡିତ ଜବାହାରଲାଲ ନେହେରୁ ଏପରି ଦୃଢ଼ ପ୍ରତିଶ୍ରୁତି ଶୁଣି ଆଶ୍ଚର୍ଯ୍ୟ ହେଲେ । ପଣ୍ଡିତଜୀ ଭାବିଲେ 'ବିଜୁ ମୃତ୍ୟୁ ଗହ୍ୱରରେ ପଶି ସତରେ କ'ଣ ସେ ବିଜୟର ଟୀକା ପିନ୍ଧି ପାରିବେ' । ସୁଦକ୍ଷ ବିମାନଚାଳକ ବିଜୁବାବୁ ବିମାନଟିକୁ କୌଶଳ କ୍ରମେ ବାଟାଭିଆ ଉପରେ ଉଡ଼ାଇ ନିରାପଦରେ ଯାଇ ଯୋଗିଆକର୍ତ୍ତାରେ ପହଞ୍ଚିଲେ । ଇଣ୍ଡୋନେସିଆର ସ୍ୱାଧୀନତା ଆଣିଦେଲେ । ଇଣ୍ଡୋନେସିଆର ସ୍ୱାଧୀନତା ପାଇଁ ଓଡ଼ିଆ ପୁଅର ଯେଉଁ ତ୍ୟାଗ ସେଠାକାର ଲୋକମାନେ ଏପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି । ସେଠାକାର ସୁକର୍ଣ୍ଣ ସରକାର ତାଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହିତ ପ୍ରାୟ ପାଞ୍ଚଶହ କୋଟି ଟଙ୍କାର ସଂପତ୍ତି ପ୍ରଦାନ କରିଥିଲେ । ଏତିକି ପ୍ରଦାନରେ ସେଠାକାର ସରକାର ଓ ଜନସାଧାରଣ ସନ୍ତୁଷ୍ଟ ହେଲେ ନାହିଁ । ଆମ ଦେଶର 'ଭାରତରତ୍ନ' ପରି ସେ ଦେଶର ସର୍ବଶ୍ରେଷ୍ଠ ଉପାଧି 'ଭୂମିପୁତ୍ର'ରେ ଭୂଷିତ କଲେ । ସେଠାରେ ପାଇଥିବା ସମସ୍ତ ସମ୍ପତ୍ତିକୁ ବିଜୁବାବୁ ସେ ଦେଶର ଜନସାଧାରଣଙ୍କୁ କଲ୍ୟାଣ ପାଇଁ ଫେରାଇ ଦେଲେ ।

୧୯୪୬ ମସିହା ଠାରୁ ବିଜୁବାବୁଙ୍କ ରାଜନୀତି ରଥର ଚକ ଗଡ଼ି ଚାଲିଲା ରାଜନୀତିର ଅମଡ଼ାବାଟରେ । ରାଜନୀତି ଯୁଦ୍ଧରେ ସେ ଜଣେ ସଫଳ ଯୋଦ୍ଧା ଥିଲେ । ପ୍ରଥମ ଜୀବନରେ ସେ ସିନା ଜଣେ ସୈନିକ, କିନ୍ତୁ ରାଜନୀତିରେ ସେ ଜଣେ ସୁଦକ୍ଷ ସେନାପତି ଥିଲେ । ଜୀବନ ସଂଗ୍ରାମରେ ସେ ଅନେକଥର ଜିତିଛନ୍ତି ଓ ହାରିଛନ୍ତି । ହାରିବାରେ ଦୁଃଖ ନଥିଲା ତାଙ୍କର । ଜୟ ପରାଜୟ ତାଙ୍କ ପାଖରେ ସବୁ ସମାନ । ୧୯୪୬ ମସିହାରେ ବ୍ୟବସ୍ଥାପକ ସଭାର ସଭ୍ୟ, ୧୯୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ବିଧାୟକ, ୧୯୬୧ ମସିହାରେ ଓଡ଼ିଶା କଂଗ୍ରେସ ଦଳର ସଭାପତି ହୋଇଥିଲେ । ସେହି ବର୍ଷ ମଧ ନିର୍ବାଚନରେ ବିଧାନ ସଭାକୁ ଆସିଲେ । କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା, ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ୧୯୭୬ରେ କେନ୍ଦ୍ରରେ ଗଠିତ ଜନତା ଦଳରେ ତାଙ୍କର ଭୂମିକା ସର୍ବାଧିକ । ଜନତା ଦଳ ଜିତିଲା, ମୋରାଜୀ ଦେଶାଇ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇ ଇସ୍ପାତ ଓ ଖଣି ବିଭାଗର ଦାୟିତ୍ୱ ସଫଳତାର ସହ ତୁଲାଇଲେ । ୧୯୯୦ରେ ତାଙ୍କ ନେତୃତ୍ୱରେ ଓଡ଼ିଶାର ମନ୍ତ୍ରୀମଣ୍ଡଳ ଗଠିତ ହେଲା । ସେ ହେଲେ ଓଡ଼ିଶାର ସର୍ବମୟ କର୍ତ୍ତା ବା ଓଡ଼ିଶାର ମୁଖ୍ୟମନ୍ତ୍ରୀ । ସେ ପାଞ୍ଚବର୍ଷ କାଳ ଯୁବକଙ୍କ ପରି କଠିନ ପରିଶ୍ରମ କରି ଓଡ଼ିଶାକୁ ଉନ୍ନତି ପଥରେ ଆଗେଇ ନେଲେ । ୧୯୯୫ ନିର୍ବାଚନରେ ସେ ଭୁବନେଶ୍ୱରରୁ ନିର୍ବାଚିତ ହୋଇ ବିଧାନସଭାର ବିରୋଧୀଦଳର ନେତା ହେଲେ । ୧୯୯୬ରେ କଟକ ଓ ଆସ୍କା ଆସନରୁ ପୁଣି ଥରେ ଲୋକସଭାକୁ ନିର୍ବାଚିତ ହୋଇ ଓଡ଼ିଶାର ଦାବୀ ସେଠାରେ ଉପସ୍ଥାପନା କଲେ ।

ଏକାଅଶୀ ବର୍ଷରେ ସେ ବୃଦ୍ଧ ହୋଇ ମଧ ଯୁବକଙ୍କ ପରି କାମ କରୁଥିଲେ । ଦିଲ୍ଲୀରେ ଅବସ୍ଥାନ ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ । ପ୍ରଥମେ ସେ ରାମ ମନୋହର ଲୋହିଆ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ଅବସ୍ଥାର ପରିବର୍ତ୍ତନ ପାଇଁ ଉନ୍ନତ ଚିକିତ୍ସା ପାଇଁ ଏସ୍କର୍ଟ ହସ୍‌ପିଟାଲ୍‌କୁ ନିଆଗଲା । କିନ୍ତୁ ସବୁ ଚେଷ୍ଟା ବିଫଳ । ୧୧୯୭ ମସିହା ଅପ୍ରେଲ୍ ମାସ ୧୭ ତାରିଖ ଗୁରୁବାର, ସକାଳ ଆଠଟା । ପନ୍ଦର ମିନିଟ୍‌ରେ ସେ ଶୋଇଗଲେ ମହାନିଦ୍ରାରେ । କଳିଙ୍ଗ ଆକାଶରୁ ଏକ ଦୀପ୍ତିମାନ ନକ୍ଷତ୍ର ଖସିପଡ଼ିଲା । ତାଙ୍କ ସ୍ୱପ୍ନର ଓଡ଼ିଶା ଦୁଃଖ ଓ ଯନ୍ତ୍ରଣାରେ ନୀରବ ଓ ନିସ୍ତଳ ହୋଇଗଲା । ସମସ୍ତଙ୍କ ମୁହଁରୁ ଶୁଣାଗଲା ବିଜୁବାବୁ ଆଉ ନାହାନ୍ତି । ତାଙ୍କର ଅନ୍ତିମ ଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ସମେତ ମନ୍ତ୍ରୀମଣ୍ଡଳର ସଭ୍ୟ, ବିରୋଧୀ ଦଳର ନେତୃବୃନ୍ଦ, ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ସମଗ୍ର ଓଡ଼ିଶାର ଜନତା ଛୁଟିଲେ ଡାକ୍ତରଖାନାକୁ । ସବୁଠି ଆଲୋକ ଥାଇ ଅନ୍ଧାର ପରି ଲାଗିଲା । ଅପ୍ରେଲ ମାସ ଅଠର ତାରିଖ ଦିନ ସ୍ୱର୍ଗତ ନେତାଙ୍କର ମରଶରୀର ବିମାନ ଯୋଗେ ଭୁବନେଶ୍ୱର ଅଣାଗଲା । ହଜାର ହଜାର ଲୋକ ଉଚ୍ଚସ୍ୱରରେ ରୋଦନ କରୁଥିଲେ । ଶେଷରେ ତାଙ୍କ ନିଜଘର ନବୀନ ନିବାସକୁ ଅଣାଯାଇଥିଲା । ନବୀନ ନିବାସରୁ ସ୍ୱର୍ଗଦ୍ୱାର, ମହାନାୟକ ପ୍ରବାଦ ପୁରୁଷ ବିଜୁବାବୁଙ୍କ ମରଶରୀର ପୁରୀରେ ପହଞ୍ଚିଲା । ପାଞ୍ଚଲକ୍ଷ ଜନତାଙ୍କ ସମାଗମରେ ଏକ ରଥଯାତ୍ରାର ଭ୍ରମ ସୃଷ୍ଟି କରାଗଲା । ଠିକ୍ ସେହି ସମୟରେ ସଂପୂର୍ଣ୍ଣ ରାଷ୍ଟ୍ରିୟ ମର୍ଯ୍ୟାଦାରେ ତାଙ୍କ ମରଶରୀରରେ ଅଗ୍ନି ସଂଯୋଗ କରାଗଲା । ସମସ୍ତ ଜନତାଙ୍କ କଣ୍ଠରୁ ଗଗନ ପବନ ପ୍ରକମ୍ପିତ କରି ଧ୍ୱନିତ ହେଉଥିଲା – 'ବିଜୁବାବୁ ଅମର ରହେ, ଜବ୍‌ତକ୍ ଚାନ୍ଦ ସୂରୁଜ ରହେଗା ।'

ପାରାଦ୍ୱୀପଗଡ଼
ମୋ: ୯୯୩୭୬୯୧୪୭୫

## ଶରଦ କୁମାର ଶ୍ରୀବାସ୍ତବ ପୂର୍ବତଟ ରେଳପଥର ନୂତନ ଅତିରିକ୍ତ ମହାପ୍ରବନ୍ଧକ

ଭୁବନେଶ୍ୱର, (ପି.ଏନ): ପୂର୍ବତଟ ରେଳପଥର ନୂତନ ଅତିରିକ୍ତ ମହାପ୍ରବନ୍ଧକ ଭାବେ ୧୯୮୬ ବ୍ୟାଚ୍‌ର ଇଣ୍ଡିଆନ୍ ରେଲୱେ ସର୍ଭିସ୍ ଅଫ୍ ସିଗନାଲ୍ ଇଞ୍ଜିନିୟର(ଭାରତୀୟ ରେଳବାଇ ସାଙ୍କେତିକ ଯନ୍ତ୍ରୀ ସେବା) ଅଧିକାରୀ ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ଯୋଗଦାନ ପୂର୍ବରୁ ଶ୍ରୀ ଶ୍ରୀବାସ୍ତବ କୋଲକାତାର ମେଟ୍ରୋ ରେଲୱେରେ ପ୍ରିନ୍ସିପାଲ୍ ଚିଫ୍ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର(ପ୍ରମୁଖ ସାଙ୍କେତିକ ଓ ଟେଲିକମ ଯନ୍ତ୍ରୀ) ଭାବରେ କାର୍ଯ୍ୟ କରୁଥିଲେ । ସେ ଦକ୍ଷିଣ ପୂର୍ବ ରେଳପଥ ଆଦ୍ର ଓ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଭାବେ ମଧ କାର୍ଯ୍ୟ ସମ୍ପାଦନ କରି ଉଚ୍ଚ ପ୍ରସଂଶିତ ହୋଇଛନ୍ତି । ଗୋରଖପୁରର ମଦନ ମୋହନ ମାଲଭିୟା ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନରେ ଇଞ୍ଜିନିୟରିଂ ସ୍ନାତକ ହାସଲ କରିବା ପରେ ଶ୍ରୀ ଶ୍ରୀବାସ୍ତବ ୧୯୮୮ ମସିହାରେ ଭାରତୀୟ ରେଳବାଇରେ ଯୋଗଦାନ କରିଥିଲେ । ରେଳବାଇ ସାଙ୍କେତିକ ଏବଂ ଟେଲି ଯୋଗାଯୋଗ କ୍ଷେତ୍ରର ରକ୍ଷଣାବେକ୍ଷଣ ଏବଂ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସେ ଉଭୟ ରେଳମଣ୍ଡଳ ଏବଂ ଜୋନାଲ ମୁଖ୍ୟାଳୟ ଠାରେ ବିଭିନ୍ନ ପଦପଦବୀରେ ଦକ୍ଷତାର ସହିତ କାର୍ଯ୍ୟ କରିବା ସହିତ କାର୍ଯ୍ୟ କ୍ଷେତ୍ରରେ ପ୍ରସଂଶିତ ହୋଇଛନ୍ତି ।ଶ୍ରୀ ଶ୍ରୀବାସ୍ତବଙ୍କର ଭାରତୀୟ ରେଳବାଇ ସାଙ୍କେତିକ ଓ ଦୂରସଂଚାର ସେବା ସମ୍ବନ୍ଧରେ ପ୍ରଗାଢ଼ ଜ୍ଞାନ ଓ ଅନୁଭବ ଅଛି । ସେ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା ରିସର୍ଚ୍ଚ ଡିଜାଇନ୍ ଏବଂ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେସନ୍‌ରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଥିବାବେଳେ କୋଲକାତାର ରେଲଟେଲ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ଜେନେରାଲ୍ ମ୍ୟାନେଜର/ଅପରେସନ୍ ଭାବରେ କାର୍ଯ୍ୟକରି ନେଟୱାର୍କ ଉତ୍ସଗୁଡ଼ିକର ଅପ୍ଟିମାଇଜେସନ୍‌ରେ ଭାରତୀୟ ରେଳବାଇ ପାଇଁ ଉଲ୍ଲେଖନୀୟ ଅବଦାନ କରିଛନ୍ତି ଯାହା ଫଳରେ ଟ୍ରେନ ଚଳାଚଳ କ୍ଷେତ୍ରରେ ସମୟାନୁବର୍ତ୍ତିତା, ରେଳବାଇ ଭିତିଭୂମିର ଯୋଜନାର ସଫଳ ରୂପାୟନ ହୋଇପାରିଛି ।ପ୍ରତ୍ୟକ କାର୍ଯ୍ୟକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଶ୍ରୀ ଶ୍ରୀବାସ୍ତବ କାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ଭାରତୀୟ ରେଳବାଇର କାର୍ଯ୍ୟଧାରାକୁ ଆଗକୁ ବଢ଼େଇ ନେବାପାଇଁ ସର୍ବଦା ପ୍ରୟାସ ରଖିଥାନ୍ତି । ସେ ତାଙ୍କ କ୍ୟାରିଅର୍ ସମୟରେ ସିଙ୍ଗାପୁର, ମାଲେସିଆ ଏବଂ ଇଟାଲୀରୁ ମ୍ୟାନେଜର୍ ଏବଂ ଲିଡରସିପ୍ ସମ୍ବନ୍ଧରେ ତାଲିମ ଗ୍ରହଣକରି ଭାରତୀୟ ରେଳବାଇର ଏହାର ସଫଳ ଉପଯୋଗ କରିପାରିଛନ୍ତି । ଶ୍ରୀ ଶ୍ରୀବାସ୍ତବ ସିଗନାଲିଂ ଏବଂ ଟେଲିକମ୍ୟୁନିକେସନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ବିକଶିତ ହୋଇଥିବା ସାଙ୍କେତିକ ପ୍ରଣାଳୀରେ ଟ୍ରେନ ଯାତାୟାତ ନିୟନ୍ତ୍ରଣ(ସିବିଟିସି) ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ସମନ୍ୱୟ ରକ୍ଷା କରିବା ସହିତ ଯୋଜନା ଏବଂ ଉନ୍ନତି ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଅଛନ୍ତି ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଯାଜପୁର, (ପି.ଏନ): ଯାଜପୁର ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ଜଣେ କର୍ତ୍ତବ୍ୟ ନିଷ୍ଠ, ନିଷ୍ଠାପର, କର୍ମଠ, ସମୟାନୁବର୍ତ୍ତିତା ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଗିରି ମତବ୍ୟକ୍ତ କରିଥିଲେ । ଶ୍ରୀମତୀ ପ୍ରଧାନଙ୍କ କାର୍ଯ୍ୟକଳାପ ଓ ଦକ୍ଷତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିବା ସହ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁଖମୟ ହେଉ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଗିରି କହିଥିଲେ ।

## ସୂଚନା ଓ ଲୋକସଂପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କ ଅବସର ଗ୍ରହଣ

ଭୁବନେଶ୍ୱର ,(ପି.ଏନ): ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ ସୋମବାର ଦିନ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ବିଭାଗ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା କର୍ମଚାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ଲୋକସଂପର୍କ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଉପନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରୁଥିବା ବୈଷୟିକ ନିର୍ଦ୍ଦେଶକ ଶ୍ରୀ ସେଠୀଙ୍କ କାର୍ଯ୍ୟଦକ୍ଷତା, ଲୋକସଂପର୍କ କ୍ଷେତ୍ରରେ ତାଙ୍କର ସକ୍ରିୟ ଭୂମିକା ଏବଂ ସରକାରୀ କାର୍ଯ୍ୟକୁ ସଂପାଦନ କରିବାରେ ତାଙ୍କର ସାର୍ଥକ ପ୍ରୟାସ ସଂପର୍କରେ ଆଲୋକପାତ କରିଥିଲେ । ବିଶେଷ କରି କୋଭିଡ୍ ମହାମାରୀ ସଂକ୍ରମଣର ମୁକାବିଲା ଦିଗରେ ବିଭିନ୍ନ ଗଣମାଧ୍ୟମରେ ସିଧା ପ୍ରସାରଣ କରାଯାଇ ଜନସଚେତନତା ସୃଷ୍ଟି, ଇ-ବିଜ୍ଞାପନ ବ୍ୟବସ୍ଥା ପ୍ରଚଳନ, ସାମ୍ବାଦିକଙ୍କ କଲ୍ୟାଣ, ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ତୃଣମୂଳ ସ୍ତରରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନରେ ସୂଚନା ଓ ଲୋକସଂପର୍କ ବିଭାଗରେ ବୈଷୟିକ ନିର୍ଦ୍ଦେଶକ ଶ୍ରୀ ସେଠୀଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା ବୋଲି ପ୍ରମୁଖ ଶାସନ ସଚିବ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ବିଭାଗର ବିଭିନ୍ନ ଶାଖାର ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକଙ୍କ ସମସ୍ତ ବରିଷ୍ଠ ଅଧିକାରୀ ତଥା କର୍ମଚାରୀବୃନ୍ଦ ଏହି ବିଦାୟକାଳୀନ ସଭାରେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି ଶ୍ରୀ ସେଠୀ ଅନୁଗୋଳ ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିବାବେଳେ ପରବର୍ତୀ ସମୟରେ ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ, ମୁଖ୍ୟମନ୍ତ୍ରୀଙ୍କ ଲୋକସଂପର୍କ ଅଧିକାରୀ, ସୂଚନା ଓ ଲୋକସଂପର୍କ ବିଭାଗର ବିଭିନ୍ନ ଶାଖାରେ ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକ ଓ ଶେଷରେ ବୈଷୟିକ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ ହେଲା ସେ ଜଣେ ସୁଲେଖକ, କବି, ଗୀତିକାର ଓ ସର୍ବୋପରି ଜଣେ ସୃଜନଶୀଳ ସ୍ରଷ୍ଟା । ସେହିପରି ବିଭାଗର ବରିଷ୍ଠ ବେତାର ନିରୀକ୍ଷକ ପ୍ରେମାନନ୍ଦ ପଟ୍ଟନାୟକ ମଧ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ମଧ ଏହି ଅବସରରେ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସର ପ୍ରାପ୍ତ କର୍ମଚାରୀ ସଂଘର ରଜତ ଜୟନ୍ତୀ

ବାଲେଶ୍ୱର,(ପି.ଏନ): ଅବସର ପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟ ର କୂଳପତି ପ୍ରଫେସର ଡ. ଶନ୍ତୋସ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର ଦେବାଶିଷ ପାତ୍ର ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଅବସରପ୍ରାପ୍ତ କର୍ମଚାରୀ ମାନେ କର୍ମ ଚଞ୍ଚଳ ଛାଇ ସାମାଜିକ ପରିବର୍ତ୍ତନରେ ସାମିଲ ହୋଇ ସମସ୍ତଙ୍କୁ ଦୀଗଦର୍ଶନ ଦେବା ଉଚିତ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ ସଂଘର ମୁଖ୍ୟ ପତ୍ର "ଉତ୍ତରାୟଣ" ଓ ଗୌରାଙ୍ଗ ଭୁଇଆଁ ଙ୍କ ଲିଖିତ ପୁସ୍ତକ "ପାହିଲା ରାତି ସରିଲାନି କଥା" ଉନ୍ମୋଚନ କରିଥିଲେ । ଡ଼. ଅଦ୍ୱୈତ୍ୟ କୁମାର ପାତ୍ର, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା ନୃତ୍ୟସିଳ୍ପୀ ସୁଜାତା ମହାପାତ୍ର, ସଂଘର ସଭାପତି ତଥା ପ୍ରତିଷ୍ଠତା ସଦସ୍ୟ ବିରେନ୍ଦ୍ର ନାରାୟଣ ଦାସ, ମଦନ ମୋହନ ପଣ୍ଡା, ଚିତ୍ତରଞ୍ଜନ ଦାସ, ଅନ୍ତର୍ଯ୍ୟାମୀ ପାତ୍ର, ସେକ ଆଲାଉଦିନ, ଭବେଶ ଚନ୍ଦ୍ର ପଣ୍ଡା ଓ ଲମ୍ବୋଦର ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବଦ୍ଧିତ କରାଯାଇଥିଲା । ଏହା ସହିତ ଗତ ୨୦୨୦ ଏବଂ ୨୦୨୧ ବର୍ଷରେ ମଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଇଂଜିନିଅରିଂ ପରିକ୍ଷାରେ ବାଲେଶ୍ୱର ଜିଲ୍ଲା ସର୍ବଚ୍ଚ ନଂ ରଖିଥିବା ୩୪ ନଂ ଛାତ୍ର ଛାତ୍ରୀଙ୍କ ସଂଘ ପକ୍ଷରୁ ଅର୍ଥରାଶି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସାଧାରଣ ସମ୍ପାଦକ ଇଂଜିନିଅର ବନମାଳୀ ନାୟକ, ବିବରଣୀ ପାଠକ ଥିବା ବେଳେ ଡ଼. କ୍ଷିତିଶ୍ୱର ଦାଶ ବେଦ ପାଠ କରିଥିଲେ । ଅସିମାପ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ଉତ୍ପଳତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଅକର୍ଷଣ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ନିର୍ବାଚନ ଅଧିକାରୀ ଡ଼. ମୋନଜ କୁମାର ପ୍ରଧାନ ନିର୍ବାଚନ ପରିଚାଳନା କରି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଭୁବନେଶ୍ୱର ମହାନଗର ନିଗମ ପାଇଁ ବୈଠକ

ଭୁବନେଶ୍ୱର,(ପି.ଏନ): ଆସନ୍ତା ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ ପାଇଁ ଆଜି ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା । ଏହି ବୈଠକରେ ପ୍ରଦେଶ କଂଗ୍ରେ ସଭାପତି ନିରଞ୍ଜନ ପଟ୍ଟନାୟକ ଆସନ୍ତା ମହାନଗର ନିର୍ବାଚନକୁ ଅତି ଗୁରୁତ୍ୱର ସହିତ ନେଇ ଜିତିବାର ମନୋବଳ ନେଇ ଲଢ଼େଇ କରିବାପାଇଁ ବୈଠକରେ କହିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଚରଣ ଓ ଉଚାରଣରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ରହୁଥିବା ପ୍ରତ୍ୟେକ କଂଗ୍ରେସ କର୍ମୀ, ନେତୃବୃନ୍ଦ ତଥା ସମସ୍ତ ପ୍ରକୋଷ୍ଠ ଓ ସଂଗଠନର ଅଧ୍ୟକ୍ଷ ଓ ପଦାଧିକାରୀମାନେ ମିଳିତ ଭାବରେ ମନପ୍ରାଣ ଦେଇ ପ୍ରାର୍ଥି ମାନଙ୍କ ସପକ୍ଷରେ ଦ୍ୱାର ଦ୍ୱାର ବୁଲି ପ୍ରଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ଆମେ ଲୋକଙ୍କ ପାଖକୁ ଯିବା ନାହିଁ ତାହାହେଲେ ଯେତେ ପଇସା ଖର୍ଚ୍ଚ କଲେ ମଧ ଆମେ କେବେ ଭଲ ଫଳ ପାଇବା ନାହିଁ । ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଆମ ସମସ୍ତଙ୍କୁ ଏକ ହୋଇ ଆପ୍ରାଣ ଉଦ୍ୟମ କରିବାକୁ ପଡ଼ିବ ବୋଲି କହିଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଶାସକ ବଟକୃଷ୍ଣ ତ୍ରିପାଠୀ ବୈଠକକୁ ସମ୍ବର୍ଦ୍ଧିତ କରି କହିଥିଲେ ଭୁବନେଶ୍ୱର ସହରାଂଚଳରେ ରହୁଥିବା ସମସ୍ତ ନେତୃବୃନ୍ଦଙ୍କୁ କଂଗ୍ରେସ ପତାକାର ସ୍ୱାର୍ଥକୁ ରକ୍ଷାକରି ଲଢ଼ିବାକୁ ପଡ଼ିବ । ସେ ମନେ ପକାଇ ଦେଇଥିଲେ ବିଗତ ଦିନରେ ନିର୍ବାଚନ ରଣନୀତି ତଥା କିଭଳି ଭାବରେ ଭୁବନେଶ୍ୱର ମ୍ୟୁନିସ୍‌ପାଲଟିକୁ ଜିତାଯାଉଥିଲା । ଛାତ୍ର କଂଗ୍ରେସ ସଭାପତି ଯାସିର ନୱାଜ କହିଥିଲେ ଛାତ୍ର ନେତୃବୃନ୍ଦମାନେ ପ୍ରତ୍ୟେକ ପରିସ୍ଥିତିକୁ ଏଥର ସାମନା କରିବାକୁ ଅଂଟା ଭିଡ଼ିବାକୁ ପ୍ରସ୍ତୁତ । ଭ୍ରଷ୍ଟାଚାରୀ ମାନଙ୍କୁ ଏଥର ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନରେ କଡ଼ା ଯବାବ ଦିଆଯିବ ।

## ଜିଲ୍ଲା ପରିଷଦ ନିର୍ବାଚନରେ ବିଜେଡିକୁ ୭୬୩ ଆସନ ମିଳିବାର ସମ୍ଭାବନା : ବିଜେପି ଓ କଂଗ୍ରେସ ଢେର ପଛରେ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ସମ୍ପନ୍ନ ହୋଇଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ମତଗଣନା ତୃତୀୟ ଦିନରେ ମଧ୍ୟ ଜାରୀ ରହିଛି । ଏହି ନିର୍ବାଚନ ଫଳାଫଳ ଓ ଟ୍ରେଣ୍ଡରୁ ବିଜେଡିକୁ ଅଭୂତପୂର୍ବ ସଫଳତା ମିଳିବା ସ୍ପଷ୍ଟ ହେଉଛି । ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ବିଜେଡିର ଆଖ ପାଖରେ ମଧ୍ୟ ପହଂଚି ପାରୁ ନାହାନ୍ତି । ସୋମବାର ଦିନ ସଂଧ୍ୟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ମୋଟ ୮୫୧ଟି ଜିଲ୍ଲା ପରିଷଦ ଆସନରୁ ବିଜେଡି ୭୬୩ ଆସନରେ ବିଜୟୀ କିମ୍ବା ଆଗରେ ରହିଛି । ଫଳରେ ବିଜେଡିକୁ ୭୬୩ ଆସନ ମିଳିପାରେ । ସେହିପରି ବିଜେପି ୪୪ଟି ଆସନରେ ଜିତି ସାରିଛି ବା ଆଗୁଆ ରହିଛି । କଂଗ୍ରେସ ୩୭ଟି ଆସନରେ ଜିତି ସାରିଛି ବା ଆଗୁଆ ରହିଥିବା ନେଇ ସୂଚନା ମିଳିଛି । ଅନ୍ୟନ୍ୟ ୭ଟି ଆସନରେ ଜିତି ସାରିଛନ୍ତି ବା ଆଗୁଆ ଅଛନ୍ତି । ଗତ ଥର ୨୯୭ଟି ଜିଲ୍ଲା ପରିଷଦ ଆସନରେ ବିଜୟ ଲାଭ କରିଥିବା ବିଜେପି ଏଥର ୫୦ଟି ଆସନ ହାସଲ କରି ପାରି ନାହିଁ ଅନେକ ଜିଲ୍ଲାରେ ଗତ ଥର ବିଜେପି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ହାତେଇଥିବା ବେଳେ ଏଥର ସବୁ ୩୦ଟି ଜିଲ୍ଲାରେ ବିଜେଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ହାସଲ କରିବା ସ୍ପଷ୍ଟ ହୋଇ ଯାଇଛି ।

## କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନ ତ୍ୱରାନ୍ୱିତ ହେବ

ଭୁବନେଶ୍ୱର, (ପି.ଏନ): କଂଗ୍ରେସ ସଭ୍ୟସଂଗ୍ରହ ଅଭିଯାନ ଓ ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂପନ୍ନ କରିବାପାଇଁ ଏଆଇସିସି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ନିମନ୍ତେ ଓଡ଼ିଶାରେ ସଭ୍ୟସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟସଭା ସାଂସଦ ନିରଜ ଡାଙ୍ଗି ପ୍ରଦେଶ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପାଇଛନ୍ତି । ଶ୍ରୀ ଡାଙ୍ଗି ଆସନ୍ତା ତା ୦୨.୦୩.୨୦୨୨ ରିଖ ବୁଧବାର ଦିନ ଭୁବନେଶ୍ୱରରେ ପଂହଚୁଛନ୍ତି । ୩ ତାରିଖ ଗୁରୁବାର ଦିବା ୧୧ ଘଂଟା ସମୟରେ ଭୁବନେଶ୍ୱରସ୍ଥ ନୀଳାଦ୍ରି ବିହାର, ନ୍ୟୁ କେୟାର ହସପିଟାଲ ପାଖ "ଲୁମ୍ବିନୀ କନ୍‌ଭେନସନ୍" ଠାରେ ପ୍ରଦେଶ କଂଗ୍ରେସ କର୍ମକର୍ତ୍ତା / ଏଆଇସିସି ସଭ୍ୟ / ପିସିସି ସଭ୍ୟ / ସାଂସଦ / ବିଧାୟକ / ସାଂସଦ ଓ ବିଧାୟକ ପ୍ରାର୍ଥୀ / ଜିଲ୍ଲା କଂଗ୍ରେସ କମିଟି ସଭାପତି / ବ୍ଲକ ଓ ନଗର କଂଗ୍ରେସ କମିଟି ସଭାପତି / ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠ ମୁଖ୍ୟ / ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ / ଏଆଇସିସି ପଦାଧିକାରୀ / ପ୍ରାକ୍ତନ ମନ୍ତ୍ରୀ, ବିଧାୟକ ଓ ସାଂସଦ/ ପ୍ରାକ୍ତନ ପିସିସି ସଭାପତି ଓ ବିରୋଧି ଦଳ ନେତା ମାନଙ୍କର ବୈଠକରେ ଶ୍ରୀ ଡାଙ୍ଗି ଯୋଗଦେବେ । ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ସଂପାଦକ ଜି. ରୁଦ୍ର ରାଜୁ ଏବଂ ଅତିରିକ୍ତ ପ୍ରଦେଶ ନିର୍ବାଚନ ଅଧିକାରୀ ସନ୍ଦିପ ସିଂ ଓ ଅମିତାଭ ଚକ୍ରବର୍ତ୍ତୀ ଉପସ୍ଥିତ ରହିବେ । ଏହି ବୈଠକରେ ସଭ୍ୟ ସଂଗ୍ରହ ଅଭିଯାନ ଏବଂ ସାଂଗଠନିକ ନିର୍ବାଚନ ସଂପର୍କରେ ପୂର୍ଣ୍ଣାଙ୍ଗ ଆଲୋଚନା କରାଯିବ ବୋଲି ପିସିସି ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି । ସେହିପରି ଭାବରେ ତା ୪.୩.୨୦୨୨ ରିଖ ଶୁକ୍ରବାର ଦିବା ୧୧ ଘଂଟା ଠାରୁ ଅପରାହ୍ନ ୪ ଘଂଟା ପର୍ଯ୍ୟନ୍ତ ଭୁବନେଶ୍ୱର କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଶ୍ରୀ ଡାଙ୍ଗି ବରିଷ୍ଠ ନେତୃବୃନ୍ଦ ଓ କଂଗ୍ରେସ କର୍ମୀମାନଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଆବଶ୍ୟକ ମନେକଲେ ଉପରୋକ୍ତ ସମୟସୀମା ମଧ୍ୟରେ ଶ୍ରୀ ଡାଙ୍ଗିଙ୍କୁ ଭେଟି ଆଲୋଚନା କରିପାରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି । ଉଭୟ ବୈଠକରେ ଯୋଗଦେବାକୁ ଉପରୋକ୍ତ ବର୍ଗର ନେତୃବୃନ୍ଦଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି । ଯେଉଁମାନେ ଅବଗତ ହୋଇପାରି ନଥିବେ, ସେମାନେ ଏହାକୁ ପତ୍ର ମନେକରି ନିର୍ଦ୍ଧାରିତ ସମୟରେ ବୈଠକରେ ଯୋଗଦେବାକୁ ପିସିସି ପକ୍ଷରୁ ଅନୁରୋଧ କରାଯାଇଛି ।

## ଖୋଲିଲା ରେମୁଣା ଏନ.ଏ.ସି. କାର୍ଯ୍ୟାଳୟ

ବାଲେଶ୍ୱର,(ପି.ଏନ): ନିକଟରେ ଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦ(ଏନ.ଏ.ସି.)ର କାର୍ଯ୍ୟାଳୟ ଆଜି ରେମୁଣା ଗଣେଶ୍ୱରପୁରଠାରେ ଖୋଲିଛି । ପୂର୍ବରୁ ଗଣେଶ୍ୱରପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଯେଉଁ ଅଫିସ୍ ଗୃହରେ ଚାଲିଥିଲା ସେହିଠାରେ ହିଁ ଏହି ନୂତନ ଏନଏସି କାର୍ଯ୍ୟାଳୟ ଖୋଲାଯାଇଛି । ନବଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦକୁ ମୋଟ ୧୩ଟି ୱାର୍ଡରେ ବିଭକ୍ତ କରାଯାଇଥିବା ବେଳେ ରେମୁଣା ଏନଏସି ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଏହି ଅଫିସରେ ହେବ । ଆସନ୍ତା ପୌର ନିର୍ବାଚନରେ ରେମୁଣା ଏନଏସିରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ନିର୍ବାଚନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ମଧ୍ୟ ଏହି ଅଫିସ୍‌ରେ କରାଯିବ । ରେମୁଣାରେ ଖୋଲାଯାଇଥିବା ଏହି ନୂତନ କାର୍ଯ୍ୟାଳୟ ଦ୍ୱାରା ଅଧିସୂଚିତ କ୍ଷେତ୍ର ପରିଷଦ ଅଂଚଳର ଜନସାଧାରଣ ବେଶ୍ ଉପକୃତ ହେବା ସହିତ ସହଜରେ ବିଭିନ୍ନ ସରକାରୀ ସେବା ଓ ସୁବିଧା ପାଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଆଶାପ୍ରକଟ କରିଛନ୍ତି ।






# ବିଜ୍ଞାନ ସର୍ବତ୍ର ପୂଜ୍ୟତେ ସପ୍ତାହବ୍ୟାପୀ ବିଜ୍ଞାନ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଗତ ୨୨ତାରିଖରୁ ଚାଲିଥିବା 'ବିଜ୍ଞାନ ସର୍ବତ୍ର ପୂଜ୍ୟତେ' ସପ୍ତାହବ୍ୟାପୀ ବିଜ୍ଞାନ ମହୋତ୍ସବ ଓ ପ୍ରଦର୍ଶନୀ ସୋମବାର ଉଦ୍‌ଯାପିତ ହୋଇଛି। ସ୍ୱାଧିନତାର ୭୫ବର୍ଷ ପୂର୍ତ୍ତି ଆଜାଦ୍ କି ଅମ୍ରିତ୍ ମହୋତ୍ସବ ପାଳନ ଅବସରରେ ଏହି ବିଜ୍ଞାନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାରଙ୍କ ପ୍ରମୁଖ ସାଇଣ୍ଟିଫିକ୍ ଅଫିସରଙ୍କ କାର୍ଯ୍ୟାଳୟ, ବିଜ୍ଞାନ ପ୍ରସାର, ଓଡ଼ିଶା ସରକାର ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଏବଂ ଭାରତ ସରକାରଙ୍କ ଡ଼ିଏସ୍‌ପି, ଡ଼ିବିଟି, ସିଏସ୍‌ଆଇଆର୍, ଏମ୍‌ଓଇଏସ୍, ଡ଼ିଏଇ, ଡ଼ିଓଏସ୍, ଆଇସିଏମ୍‌ଆର୍, ଏଆଇସିଟିଇ ଏବଂ ଡ଼ିଆର୍‌ଡ଼ିଓ ସହଯୋଗରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ଏହା ଛଡ଼ା ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ କ୍ଲଷ୍ଟର ଏବଂ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମଧ୍ୟ ଏହି ବିଜ୍ଞାନ ମହୋତ୍ସବ ଓ ପ୍ରଦର୍ଶନୀ ଆୟୋଜନରେ ସହଯୋଗ କରିଥିଲେ। ଆଜି ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ଡ଼. କେ କେ ନନ୍ଦ, ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢୀ, ସିପେଟ୍‌ର ମୁଖ୍ୟ ପରିଚାଳକ ଡ଼. ପି ସି ପାଢୀ, ଚାନ୍ଦିପୁରସ୍ଥିତ ଆଇଟିଆରର ସଂଯୋଜକ ଡ଼. ଏସ୍ ହାଜରା, ଓଡ଼ିଶା ବିଜ୍ଞାନ ଏକାଡ଼େମୀର ସଭାପତି ଡ଼. ବିଭୂତିଭୂଷଣ ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟର ଆର୍ ଆଣ୍ଡ୍ ଡ଼ିର ମହାନିର୍ଦ୍ଦେଶକ ଡ଼. ମୃତ୍ୟୁଞ୍ଜୟ ସୁଆର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତର ସଫଳତା ଏବଂ ବିଜ୍ଞାନକୁ ଛାତ୍ରଛାତ୍ରୀ ଏବଂ ଗବେଷକଙ୍କ ମଧ୍ୟରେ ଲୋକପ୍ରିୟ କରାଇବା ପାଇଁ ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସପ୍ତାହବ୍ୟାପୀ ଚାଲିଥିବା ଏହି ପ୍ରଦର୍ଶନୀ ଓ ବିଜ୍ଞାନ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ସ୍କୁଲ୍‌ର ୧୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ସମ୍ପର୍କିତ ରଚନା ଲିଖନ, ଗୀତ, ତର୍କ, ନାଟକ ଏବଂ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଉଦ୍‌ଯାପନୀ ଉତ୍ସବରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମହୋତ୍ସବରେ ଗବେଷକ, ବୈଜ୍ଞାନିକ ଓ ଟେକନୋକ୍ରାଟ୍ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟ ଉପରେ ବକ୍ତୃତା ପ୍ରଦାନ କରିବା ସହ ପ୍ୟାନେଲ୍ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ସିଏସ୍‌ଆଇଆର୍ - ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ ଆଣ୍ଡ୍ ମେଟିରିଆଲ୍ ଟେକ୍‌ନୋଲୋଜି, ଜୀବବିଜ୍ଞାନ ପ୍ରତିଷ୍ଠାନ, ଓଡ଼ିଶା ସ୍ପେସ୍ ଆପ୍ଲିକେସନ ସେଣ୍ଟର, ନ୍ୟାସନାଲ୍ ଇନୋଭେସନ୍ ଫାଉଣ୍ଡେସନ୍, ଓଡ଼ିଶା ବିଜ୍ଞାନ ଏକାଡ଼େମୀ, କିଟ୍ ବିଶ୍ୱବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ସ୍ ଆଣ୍ଡ୍ ଆପ୍ଲିକେସନ୍, ଚାନ୍ଦିପୁରସ୍ଥିତ ଡ଼ିଆର୍‌ଡ଼ିଓ - ଆଇଟିଆର, ଇସ୍ରୋ ଏବଂ ସ୍ରୋଷ୍ଟି ଆଦି ଭାଗ ନେଇଥିଲେ। ଡ଼ିଆର୍‌ଡ଼ିଓ - ଆଇଟିଆର ପକ୍ଷରୁ ପ୍ରଦର୍ଶିତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅର୍ଜୁନ୍ ଟ୍ୟାଙ୍କ୍, ଆରଟିଲାରୀ ଗନ୍, ମୋରର୍ଟାସ୍ ଏବଂ ବିଭିନ୍ନ କ୍ଷେପଣାସ୍ତ୍ରର ମଡ଼େଲ୍ ଏବଂ ଇସ୍ରୋ ପକ୍ଷରୁ ପ୍ରଦର୍ଶିତ ମହାକାଶଯାନ ଏବଂ ବିଭିନ୍ନ ଉପଗ୍ରହର ମଡ଼େଲ ଛାତ୍ରଛାତ୍ରୀଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

## ଏଫ୍.ଏଫ୍.ସି ଦ୍ୱାରା ଫାନସି କ୍ରିକେଟ ଟୁର୍ଣ୍ଣାମେଂଟ

ଭୁବନେଶ୍ୱର,(ପି.ଏନ): ୱାକର୍ସ ଇରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ପ୍ରାତଃଭ୍ରମଣକାରୀ ସଂଗଠନ 'ଫନ୍ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ' ଭୁବନେଶ୍ୱର ଦ୍ୱାରା ଏକ ଫାନ୍‌ସି କ୍ରିକେଟ ଟୁର୍ଣ୍ଣାମେଂଟ କ୍ଲବର ସଦସ୍ୟ ମହିଳା, ପୁରୁଷ ଓ ଝିଅମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଟୁର୍ଣ୍ଣାମେଂଟକୁ ଉଦଘାଟନ କରିବା ସଙ୍ଗେ ସଙ୍ଗେ ନିଜେ ପ୍ରେସିଡ଼େଂଟ ଟିମ୍‌ରେ ବ୍ୟାଟିଙ୍ଗ କରିଥିଲେ। କ୍ଲବର ଅଧିକାଂଶ ସଦସ୍ୟ ପରିଣତ ବୟସରେ ପଦାର୍ପଣ କରିଥିଲେ ମଧ୍ୟ ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ, ନିରନ୍ତର ବ୍ୟାୟାମ ଯୋଗୁ ସମସ୍ତ ସଭ୍ୟ ନିଜକୁ ସୁସ୍ଥ ରଖିବା ସହିତ କ୍ରିକେଟ ଭଳି ଏକ କଷ୍ଟଦାୟକ ଖେଳକୁ ଆୟତାଧିନ କରିପାରିଛନ୍ତି ଏବଂ ସମାଜକୁ ନିରନ୍ତର ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ଦେଇ 'ବେଷ୍ଟ ହେଲ୍‌ଥ କ୍ଲବ'ର ମାନ୍ୟତା ପାଇପାରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାୟିକା ପୁନମ ମିଶ୍ର, ବରିଷ୍ଠ ଭେଷଜ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ସ୍ୱାଇଁ ଯୋଗ ଦେଇଥିଲେ।

## ଶ୍ରୀ ବ୍ରହ୍ମେଶ୍ୱରରେ ମହାଶିବରାତ୍ରୀ



ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷ ପରି ମହାପ୍ରଭୁ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ପାଳନ ହୋଇଥିଲା। ରାତି ସାଢ଼େ ୧୦ଟାରେ ମହାଦୀପ ଉଠିଥିଲା। ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ରାସ୍ତା ଓ ମନ୍ଦିରକୁ ଆଲୋକମାଳାରେ ସଜ୍ଜା ହୋଇଥିଲା। ସନ୍ଧ୍ୟା ୭ଟାରୁ ଗୋଟିଏ ପରେ ଗୋଟିଏ ଭଜନ ଶିବ ଭଜନ ପରିବେଷଣ କରି ଶ୍ରୋତାଙ୍କ ମନ ମୋହିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ଭିତରେ ଆଇନ ଶୃଙ୍ଖଳା ଓ ବାହାରେ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଥିଲା। ମନ୍ଦିରରେ ଭୋର ସାଢ଼େ ୩ଟାରୁ ସାହାଣ ମେଲା ଦର୍ଶନ ହୋଇଥିଲା। ସେହିପରି ସନ୍ଧ୍ୟା ସାଢ଼େ ୬ଟାରୁ ସାହାଣମେଲା ଦର୍ଶନ କରିଥିଲେ। ଏଥିରେ୍ୱୋ ଅଶୋକ ଚନ୍ଦ୍ର ପଣ୍ଡା, ଲର୍‌ଡ ବ୍ରହ୍ମେଶ୍ୱର ଦେବ ଟେମ୍ପୁଲ ଟ୍ରଷ୍ଟବୋର୍‌ଡର ଟ୍ରଷ୍ଟି କାହ୍ନୁ ଚରଣ ସାମନ୍ତରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପୁଷ୍ପା ଦାସ, ସ୍ଥାନୀୟ ମୁରବୀ ଶିବ କୃଷ୍ଣ ପଟ୍ଟନାୟକ, ଅଶୋକ ଦାସ, ଥାନା ଅଧିକାରୀ ଓ ସ୍ଥାନୀୟ ମୁରବୀମାନେ ସାମିଲ ହୋଇଥିଲେ। ତେବେ ଚଳିତ ବର୍ଷ କୋଭିଡ୍ କଟକଣାକୁ ମାନି ସାମାଜିକ ଦୂରତା ରକ୍ଷା କରାଯିବା ସହ ମାସ୍କ ପିନ୍ଧି ମନ୍ଦିରକୁ ପ୍ରବେଶ କରି ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ।

# ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ସଂସ୍ଥାର ରୋଭରମାନଙ୍କର ମହାଶିବରାତ୍ରି ସେବା ଶିବିର




ଭୁବନେଶ୍ୱର,(ପି.ଏନ): ଶ୍ରୀମହାଦେବ ପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରିରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଏକ ସେବା ଶିବିର ଲିଙ୍ଗରାଜ ମନ୍ଦିର ଠାରେ ତା୦୧.୩.୨୦୨୨ରିଖ ଦିନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ୧୩୦ ଜଣ ରୋଭର ଉକ୍ତ ଶିବିରରେ ଯୋଗଦାନ କରି ସେବାକାର୍ଯ୍ୟ କରିଥିଲେ। ବିଭିନ୍ନ ଦଳରେ ବିଭକ୍ତ ହୋଇ ରୋଭରମାନେ ପ୍ରଭୁ ମହାଦେବଙ୍କର ପବିତ୍ର ମନ୍ଦିର ପରିସରରେ ଅଗଣିତ ଯାତ୍ରୀମାନଙ୍କୁ ଜଳଯୋଗାଣ, ଜଳସିଞ୍ଚନ, ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ସହିତ ଯାନବାହାନ ନିୟନ୍ତ୍ରଣ ଏବଂ ଲୋକମାନଙ୍କୁ ନିୟନ୍ତ୍ରଣ ଧାଡ଼ିରେ ଛାଡ଼ିବା ଆଦି ବିଭିନ୍ନ ପ୍ରକାର ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ରାଜ୍ୟ ମୁଖ୍ୟାଳୟର ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକ, ଶ୍ରୀ ମୁକ୍ତିକୃଷ୍ଣ ଚୌଧୁରୀ, ଶ୍ରୀ ସୁରଜିତ ସେନ୍, ଶ୍ରୀ ଚନ୍ଦନ ଦାସ ଏବଂ ଅନ୍ୟାନ୍ୟ କର୍ମଚାରୀ ଏହି ସେବା ଶିବିରରେ ସହଯୋଗ କରିଥିଲେ।




## ବିଜୁ ଜୟନ୍ତୀ ଉପଲକ୍ଷେ କ୍ରୀଡ଼ା ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ

ଭୁବନେଶ୍ୱର, (ପି.ଏନ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କ୍ରୀଡ଼ାବିତ୍, ସହାୟକ କର୍ମଚାରୀ, କ୍ରୀଡ଼ା କର୍ମକର୍ତ୍ତା, ପ୍ରଶିକ୍ଷକ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ କର୍ମଚାରୀଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେହିପରି କ୍ରୀଡ଼ାବିତଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ସେମାନଙ୍କ ମଧ୍ୟରେ କୁଇଜ୍ ଏବଂ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହିସବୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାର୍ଚ୍ଚ ୫ ତାରିଖ ଦିନ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଅନୁଶାସନ ସଚିବ ରାଜେନ୍ଦ୍ର ପ୍ରସାଦ ପାଣି, ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ପ୍ରୋଗ୍ରାମ ଅଫିସର ଡ. ନିବେଦିତା ଆଚାର୍ଯ୍ୟଙ୍କ ସମେତ ଅନ୍ୟ ଅଧିକାରୀମାନେ ପରିଚାଳନା କରିଥିଲେ। କ୍ରୀଡ଼ା ବିଭାଗ ତଥା କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ସମସ୍ତ ଛାତ୍ରାବାସର ଅନ୍ତେବାସୀ ଏବଂ ହାଇ ଫରଫର୍ମାନ୍ସ ସେଂଟର ଓ କ୍ରୀଡ଼ା ବିଭାଗର କର୍ମଚାରୀଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## 'ଗୋକୁଳଧାମ'ରେ ଶିବଧ୍ୱଜା ଉତ୍ତୋଳନ ଓ ଆଧ୍ୟାତ୍ମିକ ସ୍ନେହ ମିଳନ



ଭୁବନେଶ୍ୱର : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଅନ୍ତର୍ଗତ ଦୁଦୁରାବସ୍ତର 'ଗୋକୁଳଧାମ ' ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବଧ୍ୱଜା ଉତ୍ତୋଳନ ଓ ଆଧ୍ୟାତ୍ମିକ ସ୍ନେହ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜଯୋଗିନୀ ବ୍ରହ୍ମାକୁମାରୀ ନମିତା ଭଉଣୀ ଯୋଗଦେଇ କହିଥିଲେ ଯେ , ' କର୍ମ ହିଁ ମଣିଷର ସହଯାତ୍ରୀ। ସତକର୍ମ ହିଁ ମଣିଷର ଆଧ୍ୟାତ୍ମିକ ଜାଗରଣ କରେ। ଚେତନାକୁ ଉର୍ଦ୍ଧ୍ୱତର କରାଏ। ସେ ପୁଣି କହିଥିଲେ ଯେ , କଳିଯୁଗର ଅନ୍ତ ଘଟିବାକୁ ଯାଉଛି। ଯୁଦ୍ଧର ବିଭିଷିକା ସାରା ବିଶ୍ୱକୁ ଆଚ୍ଛନ୍ନ କରିସାରିଲାଣି। ଆଗକୁ ନୂଆ ସ୍ୱର୍ଣ୍ଣିମ ସତ୍ୟ ଦୁନିଆର ସୂର୍ଯ୍ୟ ଦେଖିବ ପୃଥିବୀ। ଏହାର ଆୟୋଜନ କରିଥିଲେ କନକଲତା ମହାନ୍ତି। ଏଥିରେ ଭିଙ୍ଗାରପୁର ଉପସେବା କେନ୍ଦ୍ରର ବହୁ ଭଉଣୀ ଯୋଗ ଦେଇଥିଲେ। ଧ୍ୱଜା ଉତ୍ତୋଳନ ଓ ସ୍ନେହ ମିଳନ ପରେ ପ୍ରସାଦ ସେବନ କରାଯାଇଥିଲା। ଏଥିରେ ସ୍ଥାନୀୟ ବହୁ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray